## 'ଆମ ଓଡ଼ିଶା ନବୀନ ଓଡ଼ିଶା' ସଚେତନତା ଶିବିର



**ବାରିପଦା, ୨୮ ।୧(ସମିସ):** ପୂର୍ଣ୍ଣଚନ୍ଦ୍ରପୁରଠାରେ ବାରିପଦା ପୌରପାଳିକା ତରଫରୁ ଆମ ଓଡିଶା ନବୀନ ଓଡିଶା (ସହରୀ) ଏକ ଅଭିନବ ସଚେତନତା ଶିବିର ଅନୁଷ୍ଠିତ ହୋଇଯାଇଛି। ଶିବିରରେ ସହରାଞ୍ଚଳର ବିକାଶ, ରାଜ୍ୟ ସରକାର ସଂକଳ୍ପ ହୋଇଥିବା ବିଭିନ୍ନ ଯୋଜନାଗୁଡିକ ଡିଜିଟାଲ ମାଧ୍ୟମରେ ପର୍ଯ୍ୟବେକ୍ଷଣ କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ଗୃହ ନିର୍ମାଣ ଓ ନଗର ଉନ୍ନୟନ ବିଭାଗର ନିର୍ଦ୍ଦେଶ କ୍ରମେ ରବିବାର ବାରିପଦା ପୌରପାଳିକାର ପୂର୍ଣ୍ଣଚନ୍ଦ୍ରପୁରରେ ଚାରିଟି ୱାର୍ଡ (୧୫, ୧୬, ୧୯ ଓ ୨୨)ରୁ ୭୩୫ ଜଣ ସହରବାସୀ ଏବଂ କାଉନସିଲର ନିରୁପମା ମହାନ୍ତି, ଦିପ୍ତିରାଣୀ ପଟ୍ଟନାୟକ, ଦିଗବିଜୟ ହାଁସଦା ଓ ସୁଧୀର କୁମାର ବାରିକ ଉପସ୍ଥିତ ଥିଲେ। ତାଙ୍କ ନିଜ ୱାର୍ଡର ବିକାଶ ହୋଇଥିବା ସମସ୍ତ ରାସ୍ତା, ନାଳ, ରାସ୍ତା ଆଲୋକୀକରଣ ଏବଂ ଅନ୍ୟ ଯୋଜନା ଉପରେ ବକ୍ତବ୍ୟ ରଖିଥିଲେ। ନଗରପାଳ କୃଷ୍ଣାନନ୍ଦ ମହାନ୍ତି, ଉପନଗରପାଳ ସୀମା ଦାସଙ୍କ ସହଯୋଗରେ ସଚେତନତା ଶିବିର କାର୍ଯ୍ୟକ୍ରମ ।ୟୋଜିତ ହୋଇଥିଲା। କାର୍ଯ୍ୟକ୍ରମକୁ ନଗରପାଳ ଶ୍ରୀ ମହାନ୍ତି ଶୁଭାରମ୍ଭ କରି ପୌରପାଳିକା ଅଧୀନରେ ଥିବା ଉନ୍ନତି ମୂଳକ କାର୍ଯ୍ୟ ଉପରେ ଆଲୋକପାତ କରିଥିଲେ। ପୌରଯନ୍ତ୍ରୀ ସଚ୍ଚିଦାନନ୍ଦ ସତପଥୀ ଉପସ୍ଥିତ ରହି ମୁକ୍ତା, ସ୍ୱଚ୍ଛତା, ରାସ୍ତା ଆଲୋକୀକରଣ ଏବଂ ବିଭିନ୍ନ ପ୍ରକାର ଉନ୍ନତି ମୂଳକ ଯୋଜନା ସଂପର୍କରେ କହିଥିଲେ।

## ପାଠାଗାରକୁ 'ମାଡାମ ପ୍ରେସିଡେଣ୍ଟ' ପୁସ୍ତକ ଦାନ




**ବାରିପଦା, ୨୮ ।୧(ସମିସ):** ଶ୍ରୀରାମଚନ୍ଦ୍ର ପାଠାଗାରର ଜୁବିଲି ଲାଇବ୍ରେରୀକୁ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁଙ୍କ ଜୀବନୀ ଉପରେ ଆଧାରିତ ପୁସ୍ତକ 'ମାଡାମ ପ୍ରେସିଡେଣ୍ଟ' ଦାନ କରାଯାଇଛି। ଅନ୍ତଃର୍ଦେଶୀୟ ପବ୍ଲିକେସନ ପେଙ୍ଗୁଇନ ନାମକ ସଂସ୍ଥା ଏହାକୁ ପ୍ରକାଶ କରିଥିବା ବେଳେ ଏମକେସି ଓ ଏମପିସି ଛାତ୍ର ତଥା ବରିଷ୍ଠ ସାମ୍ବାଦିକ ସନ୍ଦୀପ ସାହୁ ଏହି ପୁସ୍ତକକୁ ଲେଖିଛନ୍ତି। ଏହି ପୁସ୍ତକକୁ ଲେଖିବାରେ ତାଙ୍କୁ ସାମ୍ବାଦିକ ଶିବାଜୀ ମୌଳିକଙ୍କ ସମେତ ଅନ୍ୟମାନେ ସାହାଯ୍ୟ କରିଥିଲେ। ତେଣୁ ଏହି ପୁସ୍ତକକୁ ଛାତ୍ରଛାତ୍ରୀ, ବୁଦ୍ଧିଜୀବୀମାନେ ଯେଭଳି ପଢ଼ିବାର ସୁଯୋଗ ପାଇବେ, ସେଥିପାଇଁ ପୁସ୍ତକକୁ ରବିବାର ଶ୍ରୀରାମଚନ୍ଦ୍ର ପାଠାଗାରର ଲାଇବ୍ରେରିଆନ କନିକା ସେନାପତିଙ୍କୁ ସଦସ୍ୟ ଜୟନ୍ତ ପାଲ, ରତନମୟୀ ବେହେରା, ଆଡ଼ଭୋକେଟ ବସନ୍ତ କୁମାର ମହାନ୍ତ ଓ ଉତ୍ତମ ନାୟକ ଉପସ୍ଥିତିରେ ସାମ୍ବାଦିକ ଶିବାଜୀ ମୌଳିକ ପୁସ୍ତକକୁ ପ୍ରଦାନ କରିଥିଲେ।

## ମୟୂରଭଞ୍ଜ ଚାମ୍ପିଅନ ଲିଗ୍ ପ୍ରଥମ ସଂସ୍କରଣ ଉଦ୍‌ଯାପିତ

**ବାରିପଦା, ୨୮ ।୧(ସମିସ):** ଦେବେନ୍ଦ୍ରପୁର ପଡିଆରେ ଚାଲିଥିବା ମୟୂରଭଞ୍ଜ ଚାମ୍ପିଅନ ଲିଗ୍ ପ୍ରଥମ ସଂସ୍କରଣ ଉଦଯାପିତ ହୋଇଯାଇଛି। ଉଦଯାପନୀ ଉତ୍ସବରେ ମୁଖ୍ୟ ଅତିଥି ଭାବେ ପୂର୍ବତନ ଉପବାଚସ୍ପତି ସାନନ୍ଦ ମାରାଣ୍ଡି ଏବଂ ସମ୍ମାନିତ ଅତିଥି ଭାବେ ୨୫ ନମ୍ବର୍ ୱାର୍ଡର କାଉନସିଲର ଦେବାଶିଷ ପାତ୍ର ଯୋଗଦେଇ ଚମ୍ପିୟାନ ଓ ରନର୍ସ ଅପ୍ ଦଳ ଏବଂ କୃତୀ ଖେଳାଳିଙ୍କୁ ଟ୍ରଫି ଓ ପୁରସ୍କାର ପ୍ରଦାନ କରିଥିଲେ। ଫାଇନାଲ ମ୍ୟାଚ୍‌ରେ ଡାନି -୧୧ ଦଳ ପ୍ଲେ ବ୍ୟାକ ଚ୍ୟାଲେଞ୍ଜର୍ ଦଳକୁ ସୁପର ଓଭର୍‌ରେ ପରାସ୍ତ କରିଥିଲେ। ବିବେକାନନ୍ଦ ଦାସ ମ୍ୟାନ ଅଫ ଦି ମ୍ୟାଚ୍ ବିବେଚିତ ହୋଇଥିଲେ। ଆଦିତ୍ୟ ବସା ଏହି ଲିଗ୍‌ର ଶ୍ରେଷ୍ଠ ଖେଳାଳି ବିବେଚିତ ହୋଇଥିଲେ। ରିତୁନ ମହାନ୍ତି ଶ୍ରେଷ୍ଠ ବ୍ୟାଟ୍ସମ୍ୟାନ୍ ଓ ଆଦିତ୍ୟ ବସା ଶ୍ରେଷ୍ଠ ବୋଲରଭାବେ ବିବେଚିତ ହୋଇଥିଲେ। ଏହି ଲିଗ୍‌ରେ ମୋଟ ୮ ଟି ଦଳ ଅଂଶ ଗ୍ରହଣ କରିଥିଲେ। ଗତ ୨୧ ତାରିଖରୁ ଏହି ଲିଗ୍ ଆରମ୍ଭ ହୋଇ ରବିବାର ଫାଇନାଲ ମ୍ୟାଚ୍ ଅନୁଷ୍ଠିତ ହୋଇଥିଲା।



● ରାଜ୍ୟସ୍ତରୀୟ ଆନ୍ତଃ ମହାବିଦ୍ୟାଳୟ ସାଂସ୍କୃତିକ ମହୋତ୍ସବ 'ଇଉଫୋରିଆ' ଉଦ୍‌ଘାଟିତ

# ୩୨ଟି ଅନୁଷ୍ଠାନରୁ ଯୋଗଦେଲେ ୩୮୫ ପ୍ରତିଯୋଗୀ

ବାରିପଦା, ୨୮ ।୧(ସମିସ)




ଯୁବ ପ୍ରତିଭାଙ୍କ ମଧ୍ୟରେ ଥିବା ଅନ୍ତର୍ନିହିତ କଳାକୁ ଲୋକଲୋଚନକୁ ଆଣିବାରେ 'ଦି ଇଉଫୋରିଆ' ଅନୁଷ୍ଠାନ ୨୫ ବର୍ଷ ଧରି ଉଦ୍ୟମ ଚଳାଇ ଆସୁଛି। ଏହି କ୍ରମରେ ଆଜି ରାଜ୍ୟସ୍ତରୀୟ ଆନ୍ତଃ ମହାବିଦ୍ୟାଳୟ ସାଂସ୍କୃତିକ ମହୋତ୍ସବ ଇଉଫୋରିଆ-୨୦୨୪ ସହିଦ ସ୍ମୃତି ଭବନରେ ଅଧକ୍ଷ ଅସିତ କୁମାର ଗିରିଙ୍କ ପୌରୋହିତ୍ୟରେ ଉଦଘାଟିତ ହୋଇଯାଇଛି। ଏହି ମହୋତ୍ସବ ୨୫ ବର୍ଷରେ ପଦାର୍ପଣ କରିଥିବାରୁ ଚଳିତବର୍ଷ ରୌପ୍ୟ ଜୟନ୍ତୀ ପାଳନ କରିବ। ଆଜିର ଉତ୍ସବକୁ ବାରିପଦା ପୌରପରିଷଦର ପୌରପାଳ କୃଷ୍ଣନନ୍ଦ ମହାନ୍ତି ଉଦଘାଟନ କରିଛନ୍ତି। ଅନ୍ୟ ମାନଙ୍କ ମଧ୍ୟରେ ଅନୁଷ୍ଠାନର ବରିଷ୍ଠ ଉପଦେଷ୍ଟା ବିଭୁ ଯପ୍ରସାଦ ଦାସ, ଶାନ୍ତନୁ କୁମାର ସିଂହ, ରଣଜିତ କୁମାର ସାହୁ ପ୍ରମୁଖ ଉପସ୍ଥିତ ଥିଲେ। ଏଥିରେ ରାଜ୍ୟର ୩୨ଟି ଶିକ୍ଷାନୁଷ୍ଠାନରୁ ୩୮୫ ଜଣ ପ୍ରତିଯୋଗୀ ଯୋଗଦେଇଥିବା ସମ୍ପାଦକ ସତ୍ୟସ୍ୱରୂପ ଦାଶ ପ୍ରକାଶ କରିଛନ୍ତି। ସହୀଦ ସ୍ମୃତି ଭବନରେ ୪ ଦିନ ଧରି ଏହି ମହୋତ୍ସବର ପ୍ରତିଯୋଗିତା ମାନ ଅନୁଷ୍ଠିତ ହେବା ସହ ଏହାର ଉଦଯାପନୀ ଉତ୍ସବ ଛଉ ପଡିଆରେ ଅନୁଷ୍ଠିତ ହେବ। ଆସନ୍ତା ୩୧ ତାରିଖ ସନ୍ଧ୍ୟାରେ ହେବାକୁ ଥିବା ଉଦଯାପନୀ ଉତ୍ସବରେ ଇଣ୍ଡିଆନ ଆଇ?ଲ ଓ ସା-ରେ-ଗା-ମା-ପାର ସୁପ୍ରସିଦ୍ଧ କଳାକାର ଯୋଗ ଦେବା ସହ ବିଭିନ୍ନ ନୃତ୍ୟ ଅନୁଷ୍ଠାନ ତରଫରୁ ବିଭିନ୍ନ ରଙ୍ଗାରଙ୍ଗ କର୍ଯ୍ୟକ୍ରମ ମାନ ଅନୁଷ୍ଠିତ ହେବ। ଏହି ମହୋତ୍ସବରେ ୧୮ ଟି ଏକକ ଓ ୭ଟି ଦଳଗତ ପ୍ରତିଯୋଗିତା ହେବା ସହିତ ମିଷ୍ଟର ଓ ମିସ ଇଉଫୋରିଆ ପ୍ରତିଯୋଗିତା ଅନୁଷ୍ଠିତ ହେବ ବୋଲି ସାଂସ୍କୃତିକ ସମ୍ପାଦକ ରାକେଶ କୁମାର ବେହେରା ଜଣାଇଛନ୍ତି। ଶେଷରେ ଉପସଭାପତି ଅଙ୍କୁର ଖୁରାନା ଧନ୍ୟବାଦ ଅର୍ପଣ କରିଥିଲେ।

## 'ଡିଭାଇନ୍ ଟାଲେଣ୍ଟ ସର୍ଚ୍ଚ' କାର୍ଯ୍ୟକ୍ରମରେ ୩୯୦ ବିଦ୍ୟାର୍ଥୀଙ୍କ ଅଂଶଗ୍ରହଣ

ବାରିପଦା, ୨୮ ।୧(ସମିସ)



ବାରିପଦା ପୋଡାଅସ୍ତିଆ ଡିଭାଇନ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ଦଶମ ଶ୍ରେଣୀର ଛାତ୍ରଛାତ୍ରୀଙ୍କୁ ନେଇ 'ଡିଭାଇନ ଟାଲେଣ୍ଟ ସର୍ଚ୍ଚ ପ୍ରତିଯୋଗିତା-୨୦୨୪' ଆୟୋଜିତ ହୋଇଥିଲା। ଏହି ପ୍ରତିଯୋଗିତାରେ ମୟୂରଭଞ୍ଜ ଓ ବାଲେଶ୍ୱର ଜିଲ୍ଲାରୁ ପ୍ରାୟ ୩୯୦ଜଣ ଛାତ୍ରଛାତ୍ରୀ ଅଂଶ ଗ୍ରହଣ କରିଥିଲେ। ଏମାନଙ୍କ ମଧ୍ୟରୁ ସର୍ବାଧିକ ନମ୍ବର ରଖି ପ୍ରଥମ ସ୍ଥାନ ଅଧିକାର କରିଥିବା ଡୁକୁରା ବ୍ଲକ ଝାଡେଶ୍ୱର ବିଦ୍ୟାପୀଠ ଉଚ୍ଚ ବିଦ୍ୟାଳୟର ଛାତ୍ର ହୃଷିକେଶ ସାହୁଙ୍କୁ ୧୦ହଜାର ଟଙ୍କା ସହ ଉପହାର ଓ ମାନପତ୍ର ପ୍ରଦାନ କରାଯାଇଛି। ସେହିପରି ଦ୍ୱିତୀୟ ସ୍ଥାନ ଅଧିକାର କରିଥିବା ଚାନ୍ଦୁଆ ବ୍ଲକ ଗାଙ୍ଗରାଜ ଉଚ୍ଚ ବିଦ୍ୟାଳୟର ଛାତ୍ର ତପନ ଭଦ୍ରାଙ୍କୁ ୭ହଜାର ଟଙ୍କା ସହିତ ଉପହାର ଓ ମାନପତ୍ର କରଯାଇଥିଲା। ସେହିପରି ତୃତୀୟ ସ୍ଥାନ ଅଧିକାର କରିଥିବା ବାଙ୍ଗିରିପୋଷି ବ୍ଲକ ଦୀନବନ୍ଧୁ ଉଚ୍ଚ ବିଦ୍ୟାଳୟର ଛାତ୍ରୀ ସୋନାଲି ସରଘରିଆଙ୍କୁ ୫ହଜାର ଟଙ୍କା ସହିତ ଉପହାର ଓ ମାନପତ୍ର ପ୍ରଦାନ କରାଯାଇଥିଲା। ଏଥିସହିତ ଚତୁର୍ଥ ସ୍ଥାନରୁ ଟପ୍ ୫୦ ଜଣ ଛାତ୍ରଛାତ୍ରୀଙ୍କୁ ୧ହଜାର ଟଙ୍କା ସହିତ ମାନପତ୍ର ପ୍ରଦାନ କରଯାଇଥିଲା। ପୁରସ୍କାର ବିତରଣ ଉତ୍ସବରେ ମହାରାଜା ପୂର୍ଣ୍ଣଚନ୍ଦ୍ର ସଙ୍ଘ ଶାସିତ ମହାବିଦ୍ୟାଳୟର ଅବସରପ୍ରାପ୍ତ ଶିକ୍ଷକ ତଥା ଉଦ୍ଭିଦ ବିଜ୍ଞାନ ପ୍ରାଧ୍ୟାପକ ଡକ୍ଟର ଦିବ୍ୟଶଙ୍କର ଏବଂ ଡିଭାଇନ କଲେଜର ନିର୍ଦ୍ଦେଶକ ଇଂ ବିପ୍ଲବ ଭଞ୍ଜନ ବୁଗୁଡେଇ ପିଲାମାନଙ୍କର ଉଜ୍ଜ୍ୱଳ ଭବିଷ୍ୟତର ଶୁଭକାମନା କରିବା ସହିତ ଛାତ୍ରଛାତ୍ରୀଙ୍କୁ ମାନପତ୍ର ପ୍ରଦାନ କରିଥିଲେ। ଆଗାମୀ ଦିନରେ ଏହି ବିଦ୍ୟାଳୟ +୨ ବିଜ୍ଞାନ କ୍ଷେତ୍ରରେ ବୈପ୍ଳବିକ ପରିବର୍ତ୍ତନ ଆଣିବା ନିମନ୍ତେ ପ୍ରତିଜ୍ଞାବଦ୍ଧ ବୋଲି ନିର୍ଦ୍ଦେଶକ ଇଂ ବିପ୍ଲବ ଭଞ୍ଜନ ବୁଗୁଡେଇ କହିଛନ୍ତି।

## ରୋଗୀଙ୍କ ପେଟରେ ଗ୍ଲାସ୍



**ବାରିପଦା, ୨୮ ।୧(ସମିସ):** ରୋଗୀର ପେଟରେ ଗ୍ଲାସ। ଦୀର୍ଘ ଦିନ ଧରି ଯନ୍ତ୍ରଣାରେ ଛଟପଟ ହେଉଥିବା ଜଣେ ରୋଗୀଙ୍କ ଏବେ ଅସ୍ତ୍ରୋପଚାର ଜରୁରୀ ହୋଇପଡିଛି। ଡାକ୍ତର ଦୀନେଶ କିସ୍କୁଙ୍କ କହିବାନୁଯାୟୀ ଏହା ୭/୮ମାସ ପୂର୍ବରୁ ପେଟ ଭିତରେ ରହି ସଂକ୍ରମଣ ହୋଇସାରିଲାଣି। ବ୍ୟୟବହୁଳ ଅସ୍ତ୍ରୋପଚାର ପାଇଁ ରୋଗୀ ଜଣକ ଅକ୍ଷମ। ବିଜୁ ସ୍ୱାସ୍ଥ୍ୟ କାର୍ଡ ସହାୟତାରେ ଚିକିତ୍ସା ଜାରି ରହିଛି। ୫୨ ବର୍ଷର ପୁରୁଷ ରୋଗୀ ଜଣଙ୍କ ପେଟ ଭିତରକୁ ଗ୍ଲାସ କିପରି ଗଲା କହିପାରୁନାହାନ୍ତି। ବିଭିନ୍ନ ସ୍ଥାନରେ ଦେଖାଇ ଶେଷରେ ବାରିପଦାର ସାଇପ୍ରତୀକ ଘରୋଇ ଡାକ୍ତରଖାନାରେ ପହଞ୍ଚିବାରୁ ପରୀକ୍ଷା ପରେ ଡାକ୍ତର ଶ୍ରୀ କିସ୍କୁ ଗ୍ଲାସ ଥିବା ସ୍ପଷ୍ଟ କରିଛନ୍ତି। ଉଚ୍ଚ ଚିକିତ୍ସା ବା ଅସ୍ତ୍ରୋପଚାର ପାଇଁ ଭୁବନେଶ୍ୱର ସ୍ଥାନାନ୍ତର ଜରୁରୀ ହୋଇଛି। ତତ ସହିତ ଅସ୍ତ୍ରୋପଚାର ଜନିତ ସହାୟତା ମଧ୍ୟ ଆବଶ୍ୟକ ହେଉଛି। ସହୃଦୟ ବ୍ୟକ୍ତି ସହଯୋଗ ପାଇଁ ରୋଗୀଙ୍କ ପରିବାର ନିବେଦନ କରିଛନ୍ତି।

## ଏଜୁକେସନ ଫର୍ ଅଲ୍ ବାର୍ତ୍ତା ନେଇ ମାରାଥନ୍

**ବାରିପଦା, ୨୮ ।୧(ସମିସ):** ସମସ୍ତଙ୍କ ପାଇଁ ଶିକ୍ଷାର ବାର୍ତ୍ତା ନେଇ ରବିବାର ମିନି ମାରାଥନ ଦୌଡ ଆୟୋଜିତ ହୋଇଯାଇଛି। କିଟ୍ ଓ କିସ୍ ପକ୍ଷରୁ ମୟୂରଭଞ୍ଜ ଜିଲ୍ଲା ସଦର ମହକୁମା ବାରିପଦାଠାରେ 'ଏଜୁକେସନ ଫର୍ ଅଲ୍' ବାର୍ତ୍ତା ନେଇ ଏହି ମିନି ମାରାଥନ ଆୟୋଜିତ ହୋଇଛି। ମିନି ମାରାଥନରେ ୨୦୦ରୁ ଊର୍ଦ୍ଧ୍ୱ ବିଭିନ୍ନ ବିଦ୍ୟାଳୟର ଛାତ୍ରଛାତ୍ରୀ ଓ କିସ୍‌ର ପୁରାତନ ଛାତ୍ରଛାତ୍ରୀ ଅଂଶ ଗ୍ରହଣ କରିଥିଲେ। ବାରିପଦା ମଧୁବନ ପଡିଆରୁ ଏକ ଗଣଦୌଡ ଆରମ୍ଭ ହୋଇ ସହର ପରିକ୍ରମା କରିଥିଲା। ଗଣଦୌଡ଼କୁ ଜିଲ୍ଲା ପରିଷଦ ଅଧ୍ୟକ୍ଷ ଭାରତୀ ହାଁସଦା ସବୁଜ ପତକା ଦେଖାଇ ଉଦ୍‌ଘାଟନ କରି ଦୌଡରେ ସାମିଲ ହୋଇଥିଲେ। ପରେ ପୌର କାର୍ଯ୍ୟାଳୟରେ ଅନୁଷ୍ଠିତ ଉଦ୍‌ଯାପନୀ ଉତ୍ସବରେ ଜିଲ୍ଲା ପରିଷଦ ଅଧ୍ୟକ୍ଷା ଭାରତୀ ହାଁସଦା, ପୌରାଧ୍ୟକ୍ଷ କୃଷ୍ଣାନନ୍ଦ ମହାନ୍ତି, ପୌର ଉପାଧ୍ୟକ୍ଷା ସୀମା ଦାସ ପ୍ରମୁଖ ଯୋଗ ଦେଇ ସମଗ୍ର ବିଶ୍ୱରେ ଶିକ୍ଷାର ବାର୍ତ୍ତା ପହଞ୍ଚାଇବାକୁ ଏଭଳି ଏକ କାର୍ଯ୍ୟକ୍ରମ ଆୟୋଜିତ ହୋଇପାରିଥିବାରୁ କିସ୍ ଓ କିଟ୍‌ର ପ୍ରତିଷ୍ଠାତା ଡ଼ ଅଚ୍ୟୁତ ସାମନ୍ତଙ୍କୁ ପ୍ରସଂଶା କରିଛନ୍ତି। ଏହି ଅବସରରେ ସମସ୍ତ ପ୍ରତିଯୋଗୀଙ୍କୁ ସାର୍ଟିଫିକେଟ୍ ଓ ପୁରସ୍କାର ପ୍ରଦାନ କରାଯାଇଛି। ଅନୁଷ୍ଠିତ କାର୍ଯ୍ୟକ୍ରମରେ ଆଦାନୀ-କିସ୍ ଆବାସିକ ବିଦ୍ୟାଳୟ, ବାରିପଦାର ପ୍ରଧାନ ଶିକ୍ଷକ ଗଣେଶ ଚନ୍ଦ୍ର ମିଶ୍ର ଅତିଥି ପରିଚୟ ସହିତ ସ୍ୱାଗତ ଭାଷଣ ଦେଇଥିଲେ। ବିଦ୍ୟାଳୟର ସଂସ୍କୃତ ଶିକ୍ଷକ ଚକ୍ରଧର ମହାନ୍ତ ଧନ୍ୟବାଦ ଅର୍ପଣ କରିଥିଲେ। କିସର ନୋଡାଲ ଅଧିକାରୀ ସତ୍ୟବ୍ରତ ଦାସ, ଅତିରିକ୍ତ ଉନ୍ନୟନ ଅଧିକାରୀ ସ୍ମୃତିରଞ୍ଜନ ରାୟ, ଅତିରିକ୍ତ ନୋଡାଲ ଅଧିକାରୀ ଜାଗ୍ରତ ସାହୁ ଏବଂ କଳିଙ୍ଗ ଟିଭିର ମୟୂରଭଞ୍ଜ ବ୍ୟୁରୋ ମୁଖ୍ୟ ତ୍ୟଜିତ୍ ସୋମ୍ ପରିଚାଳନାରେ ସହଯୋଗ କରିଥିଲେ।

## ରାଜନୀତିରେ ଜଣେ ଭିନ୍ନ ବ୍ୟକ୍ତିତ୍ୱ ଥିଲେ ଚୈତନ୍ୟ ମାଝୀ

ବାରିପଦା, ୨୮ ।୧(ସମିସ)




ମୟୂରଭଞ୍ଜ ଜିଲ୍ଲା ତଥା ଓଡ଼ିଶାର ଶିକ୍ଷା ଏବଂ ଅନୁସୂଚିତ ବର୍ଗଙ୍କ ବିକାଶ ଦିଗରେ ପୂର୍ବତନ କେନ୍ଦ୍ରମନ୍ତ୍ରୀ, ରାଜ୍ୟ ସରକାରଙ୍କ ପୂର୍ବତନ ଶିକ୍ଷା, ଅନୁସୂଚିତ ଜାତି, ଜନଜାତି ବିଭାଗର କ୍ୟାବିନେଟ ମନ୍ତ୍ରୀ ଚୈତନ୍ୟ ମାଝୀଙ୍କ ଅବଦାନ ଅବିସ୍ମରଣୀୟ ହୋଇ ରହିଛି। ରାଜନୀତିରେ ସେ ଜଣେ ଭିନ୍ନ ପ୍ରତିଭା ଥିଲେ ବୋଲି ଆଜି ଓଡ଼ିଆ ଜାଗରଣ ମଞ୍ଚ ପକ୍ଷରୁ ବାରିପଦା ଶ୍ରୀମା ମହିଳା ମହାବିଦ୍ୟାଳୟଠାରେ ଆୟୋଜିତ ପଞ୍ଚମ ଶ୍ରାଦ୍ଧ ବାର୍ଷିକୀ ପାଳନ ସମାରୋହରେ ଯୋଗଦେଇ ଅତିଥିମାନେ ମତବ୍ୟକ୍ତ କରିଛନ୍ତି। ମଞ୍ଚର ସଭାପତି ଶରତ ଚନ୍ଦ୍ର ନାୟକଙ୍କ ଅଧ୍ୟକ୍ଷତାରେ ଆୟୋଜିତ ସମାରୋହରେ ମୁଖ୍ୟଅତିଥି ଭାବରେ ବର୍ଷୀୟାନ ସାମ୍ବାଦିକ, ଗବେଷକ ଡ଼. ବିଜୟ କୁମାର ଅଗ୍ରୱାଲା, ସମ୍ମାନିତ ଅତିଥି ଭାବରେ ଶ୍ରୀମା ମହିଳା ମହାବିଦ୍ୟାଳୟର ଅଧ୍ୟକ୍ଷ ପ୍ରଫେସର ନଟବର ଗିରି, ବରିଷ୍ଠ ଆଇନଜୀବୀ କୃଷ୍ଣଚନ୍ଦ୍ର ଦାସ ଓ ନରେନ୍ଦ୍ର ମୋହନ ସେନାପତି ପ୍ରମୁଖ ଯୋଗଦେଇଥିଲେ। ଇଂ ମନୋଜ ଦଳ ବେହେରା, ଇନ୍ଦୁମତି ମହାନ୍ତି, ଜ୍ୟୋତ୍ସ୍ନାରାଣୀ ଜେନା, ଗୋଲୋକ ମହାନ୍ତି, ଉଦୟନାଥ ଜେନା, ସରୋଜ କୁମାର ବୋଷ, ରାଜଲକ୍ଷ୍ମୀ ତ୍ରିପାଠୀ, ସସ୍ମିତା ମହାନ୍ତି, ରିତାଞ୍ଜଳି ବେହେରା, ବିଷ୍ଣୁ ପ୍ରିୟା ଦାସ, ସଂଜୀବ ସାହୁ, ପ୍ରଦୀପ କୁମାର ପଲେଇ, ରମାକାନ୍ତ ରାଉତ, ଦିଲ୍ଲୀପ ପାତ୍ର, ଅରୁଣ କୁମାର ବେହେରା ଦିଲ୍ଲୀପ କୁମାର ଚୌଧୁରୀ, ଦୀପ୍ତି ପାଣିଗ୍ରାହୀ ପ୍ରମୁଖ ସ୍ୱର୍ଗତ ମାଝିଙ୍କ ସ୍ମୃତିଚାରଣ କରିଥିଲେ।

## ବିଜେଡି ପକ୍ଷରୁ ଚୈତନ୍ୟଙ୍କ ପଞ୍ଚମ ଶ୍ରାଦ୍ଧ ଦିବସ ପାଳିତ



ବିଜୁ ଜନତା ଦଳର ଜିଲ୍ଲା କାର୍ଯ୍ୟାଳୟ ବିଜୁ ଭବନରେ ପୂର୍ବତନ କେନ୍ଦ୍ରମନ୍ତ୍ରୀ ତଥା ପୂର୍ବତନ ରାଜ୍ୟ ମନ୍ତ୍ରୀ ସ୍ୱର୍ଗତ ଚୈତନ୍ୟ ପ୍ରସାଦ ମାଝୀଙ୍କ ୫ମ ଶ୍ରାଦ୍ଧ ଦିବସ ରବିବାର ପାଳିତ ହୋଇଯାଇଛି। ସ୍ମୃତି ସଭାରେ ଜିଲ୍ଲାର ବିଭିନ୍ନ ସ୍ଥାନରୁ ନେତୃମଣ୍ଡଳୀ ଯୋଗଦେଇ ସ୍ମୃତିଚାରଣ କରିଥିଲେ। ବିଜେଡି ଜିଲ୍ଲା କାର୍ଯ୍ୟକାରୀ ସଭାପତି ଜିତେନ୍ଦ୍ର ମହାନ୍ତିଙ୍କ ପୌରୋହିତ୍ୟରେ ସ୍ମୃତିସଭା ଆରମ୍ଭ ହୋଇଥିଲା। ପ୍ରଥମେ ମନ୍ତ୍ରୀ ସୁଦାମ ମାରାଣ୍ଡି, ବିଜୁ ଜନତା ଦଳ ଜିଲ୍ଲା ସହ ପର୍ଯ୍ୟବେକ୍ଷକ ଜନ୍ମେଜୟ ଲେଙ୍କା, ବାରିପଦା ପୌରପରିଷଦର ନଗରପାଳ କୃଷ୍ଣାନନ୍ଦ ମହାନ୍ତି, ରାଜ୍ୟ ଅନୁସୂଚିତ ଜାତି, ଜନଜାତି, ସଂଖ୍ୟାଲଘୁ ଏବଂ ପଛୁଆବର୍ଗ ଉନ୍ନୟନ ବିଭାଗ ଉପଦେଷ୍ଟା ତଥା ପୂର୍ବତନ ରାଜ୍ୟସଭା ସାଂସଦ, ପୂର୍ବତନ ମନ୍ତ୍ରୀ ସରୋଜିନୀ ହେମ୍ବ୍ରମ, ପୂର୍ବତନ ଉପବାଚସ୍ପତି ସାନନ୍ଦ ମାରାଣ୍ଡି, ପୂର୍ବତନ ବିଧାୟକ ଶ୍ରୀନାଥ ସରେନ, ରାଜ୍ୟ କୃଷି ଶିଳ୍ପ ନିଗମର ଅଧ୍ୟକ୍ଷ ଦେବାଶିଷ ମହାନ୍ତି, ମୟରଭଞ୍ଜ କେନ୍ଦ୍ର ସମବାୟ ବ୍ୟାଙ୍କର ସଭାପତି ସୁବ୍ରମଣ୍ୟମ ମହାନ୍ତି, ବାରିପଦା ନିର୍ବାଚନ ମଣ୍ଡଳୀର ସଂଯୋଜକ ପ୍ରଭାତ ନାୟକ, ମୟୂରଭଞ୍ଜ ବିଜୁ ମହିଳା ଜନତା ଦଳର ସଭାପତି ଦୀପ୍ତିଲତା ମିଶ୍ର, ବାରିପଦା ପୌରପରିଷଦର ଉପନଗରପାଳ ସୀମା ଦାସ, ରାଜ୍ୟ ଖୋଦୀ ବୋର୍ଡ ସଦସ୍ୟ ସରୋଜ କୁମାର ବୋଷ, ବରିଷ୍ଠ ଆଇନଜୀବି କୃଷ୍ଣ ଦାସ, ବିଶିଷ୍ଟ ସମବାୟବିତ୍ ଦେବୀଦତ୍ତ ଦାସ, ମହିଳା ନେତ୍ରୀ ସନ୍ଧ୍ୟାରାଣୀ ଦାସ, ସବିତା ବେହେରା, ଶ୍ରାବଣୀ ଦାସ, ସତ୍ୟପ୍ରକାଶ ଦାସ, ରାଜ୍ୟ ମୁଣ୍ଡା ସମାଜର ସଭାପତି ରବୀନ୍ଦ୍ର ସିଂ ପ୍ରମୁଖ ସ୍ୱର୍ଗତ ମାଝୀ ଶିକ୍ଷାମନ୍ତ୍ରୀ ଥିବା ସମୟରେ ରାଜ୍ୟ ତଥା ଜିଲ୍ଲାରେ ଶିକ୍ଷାର ବିକାଶର ମୂଳଦୂଆ ସ୍ଥାନ ହୋଇଥିଲା। ସେହି ପରିପ୍ରେକ୍ଷୀରେ ଆଜି ବହୁ ଲୋକ ଜୀବନ ଜୀବିକା ନିର୍ବାହ କରିପାରୁଛନ୍ତି ବୋଲି ଅତିଥିମାନେ ମତବ୍ୟକ୍ତ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ କାଉନସିଲର ଅନନ୍ତ ଦାସ, ମହେଶ ଝଞ୍ଜଦେଓ, ପ୍ରଶାନ୍ତ ବେହେରା, ପ୍ରଭାତ ମହାନ୍ତି, ସୁକେଶିନୀ ସେଠୀ, ଅନୁରାଧା ମହାନ୍ତି, ପୂଜା ତରେଇ, ଶୈଳେନ୍ଦ୍ର ପାତ୍ର, କିଶୋର ପାତ୍ର, ତପୁ ଦାସ, ସେକ୍ ଆଶ୍ରମ, ମାନୀ ଗିରି ପ୍ରମୁଖ ଉପସ୍ଥିତ ଥିଲେ। ଶେଷରେ ବିଜୁ ଛାତ୍ର ଜନତା ଦଳର ସଭାପତି ସୁନୀଲ ନାୟକ ଶିକ୍ଷାର ବିକାଶରେ ଛାତ୍ରମାନଙ୍କ ବିକାଶ ଘଟିଥାଏ ବୋଲି ବକ୍ତବ୍ୟ ଦେଇଥିଲେ।

● ଜିଲ୍ଲାପାଳ ଓ ଅତିରିକ୍ତ ଜିଲ୍ଲାପାଳଙ୍କୁ ବିଦାୟକାଳୀନ ସମ୍ବର୍ଦ୍ଧନା

# ନିଷ୍ଠାର ସହ କାର୍ଯ୍ୟ କରିବାକୁ ଯୁବ ଅଧିକାରୀଙ୍କୁ ପରାମର୍ଶ

ବାରିପଦା, ୨୮ ।୧(ସମିସ)



ରବିବାର ମୟୂରଭଞ୍ଜ ଜିଲ୍ଲା ପ୍ରଶାସନ ଏବଂ ଜିଲ୍ଲାପାଳ ତଥା ଦଣ୍ଡାଧିକାରୀ କାର୍ଯ୍ୟାଳୟ ପକ୍ଷରୁ ଜିଲ୍ଲାପାଳ ବିନୀତ ଭରଦ୍ୱାଜ ଏବଂ ଅତିରିକ୍ତ ଜିଲ୍ଲାପାଳ (ରାଜସ୍ୱ) ଅକ୍ଷୟ ସୁନୀଲ ଅଗ୍ରୱାଲଙ୍କୁ ବିଦାୟକାଳୀନ ସମ୍ବର୍ଦ୍ଧନା ଦିଆଯାଇଛି। ସଭାବନା କକ୍ଷରେ ଆୟୋଜିତ ଏହି ସଭାରେ ଅତିରିକ୍ତ ଜିଲ୍ଲାପାଳ (ସାଧାରଣ) ନେତ୍ରାନନ୍ଦ ମଲ୍ଲିକ ଅଧ୍ୟକ୍ଷତା କରିଥିବା ବେଳେ ଅତିରିକ୍ତ ଜିଲ୍ଲାପାଳ ଅଭିମନ୍ୟୁ ବେହେରା ସ୍ୱାଗତ ଭାଷଣ ଦେଇଥିଲେ। ଏହି ସଭାରେ ଜିଲ୍ଲାପାଳ ଶ୍ରୀ ଭରଦ୍ୱାଜଙ୍କୁ ଏବଂ ଅତିରିକ୍ତ ଜିଲ୍ଲାପାଳ (ରାଜସ୍ୱ) ଅଗ୍ରୱାଲଙ୍କୁ ଉପଢୌକନ ଦେଇ ସ୍ୱାଗତ କରିବା ସହିତ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟର ସମସ୍ତ ବିଭାଗୀୟ ଅଧିକାରୀମାନେ ବିଦାୟୀ ଅଧିକାରୀଙ୍କ ଉଦ୍ଦେଶ୍ୟରେ ସମ୍ୟକ ବକ୍ତବ୍ୟ ରଖିଥିଲେ। ଶ୍ରୀ ଭରଦ୍ୱାଜଙ୍କୁ ଜଣେ ହୃଦୟସ୍ପର୍ଶୀ ବ୍ୟକ୍ତି ବୋଲି କହିଥିବା ବେଳେ ଶ୍ରୀ ଅଗ୍ରୱାଲଙ୍କୁ ଜଣେ ମିଷ୍ଟଭାଷୀ ଅଧିକାରୀ ବୋଲି କହିଥିଲେ। ସମସ୍ତ ଅଧିକାରୀ ଏବଂ କର୍ମଚାରୀମାନେ ଜିଲ୍ଲାପାଳ ଶ୍ରୀ ଭରଦ୍ୱାଜଙ୍କ ସହିତ କାର୍ଯ୍ୟକାରୀ ଅନେକ କିଛି ଶିଖିବାକୁ ମିଳିଛି ବୋଲି କହିଥିଲେ। ସର୍ବଶେଷରେ ନିଜ ବକ୍ତବ୍ୟରେ ଜିଲ୍ଲାପାଳ ଶ୍ରୀ ଭରଦ୍ୱାଜ ସମସ୍ତ ଅଧିକାରୀଙ୍କୁ ଧନ୍ୟବାଦ ଦେବା ସହିତ ବିଗତ ୫ ବର୍ଷ ଧରି ଜିଲ୍ଲାରେ ହୋଇଥିବା ବିଭିନ୍ନ ଉନ୍ନତିମୂଳକ କାର୍ଯ୍ୟର ସଫଳତା ଏବଂ ତ୍ୱରାନ୍ୱିତ ପ୍ରଣାଳୀକୁ କାର୍ଯ୍ୟକାରୀ କରିଥିବା କହିଥିଲେ। ମୟୂରଭଞ୍ଜ ଜିଲ୍ଲା ଜନମାନସରେ ଆଦୃତ ହୋଇଥିବା ଜିଲ୍ଲାପାଳ ଶ୍ରୀ ଭରଦ୍ୱାଜ ରାଜ୍ୟ ସରକାରଙ୍କ 'ନୂଆ-ଓ' ଏବଂ ସମସ୍ତ ୫ଟି ପ୍ରକଳ୍ପକୁ ସଫଳତାର ସହିତ ରୂପାୟନ କରିଥିବା ଉଲ୍ଲେଖନୀୟ। ପାଖାପାଖି ୫ ବର୍ଷରୁ ଅଧିକ ସମୟ ଜିଲ୍ଲା ଦାୟିତ୍ୱରେ ରହିଥିବା ଶ୍ରୀ ଭରଦ୍ୱାଜ ନିଜ ବିଦାୟକାଳୀନ ସଭାରେ ସମସ୍ତ ନବ ନିଯୁକ୍ତ ଯୁବ ଅଧିକାରୀଙ୍କୁ ନିଷ୍ଠା ଏବଂ ତତ୍ପରତା ସହିତ ପରିଚାଳନା କରିବା ପାଇଁ ଉପଦେଶ ଦେବା ସହିତ ଏହି ୫ ବର୍ଷରେ ଜିଲ୍ଲା ସହିତ ଏବଂ କର୍ମଚାରୀ ମାନଙ୍କ ସହିତ ଥିବା ଆନ୍ତରିକତା କଥା କହି ଭାବବିହ୍ୱଳ ହୋଇ ପଡ଼ିଥିଲେ। ସେହିପରି ଶ୍ରୀ ଅଗ୍ରୱାଲ ଏହି ଜିଲ୍ଲାରେ କାମ କରିଥିବା ବେଳେ ଅନେକ ଶିକ୍ଷଣୀୟ ଅନୁଭବ ପ୍ରାପ୍ତ କରିଛନ୍ତି ବୋଲି କହିଥିଲେ। ସଭାରେ ଅତିରିକ୍ତ ଜିଲ୍ଲାପାଳ (ସାଧାରଣ) ଶ୍ରୀ ମଲ୍ଲିକ ଏହି ସଭାରେ ଜିଲ୍ଲାପାଳ ଶ୍ରୀ ଭରଦ୍ୱାଜଙ୍କ କର୍ତ୍ତବ୍ୟକୁ ସ୍ୱଭାବକବି ଗଙ୍ଗାଧର ମେହେରଙ୍କ କବିତା ଦ୍ୱାରା ପ୍ରତିଫଳନ କରାଇଥିଲେ। ଏହା ପରେ ଅନ୍ୟଏକ ସାଧାରଣ ସଭା, ସ୍ଥାନୀୟ ପ୍ରୟାସ ହଲଠାରେ ଆୟୋଜିତ ହୋଇଥିଲା ; ଯେଉଁଥିରେ ମୟୂରଭଞ୍ଜ ଆରକ୍ଷୀ ଅଧିକ୍ଷିକା ଏସ. ସୁଶ୍ରୀ ଜିଲ୍ଲାପାଳଙ୍କୁ ଏବଂ ଶ୍ରୀ ଅଗ୍ରୱାଲଙ୍କୁ ବିଦାୟକାଳୀନ ସମ୍ବର୍ଦ୍ଧନା ଦେଇ ଶ୍ରୀ ଭରଦ୍ୱାଜଙ୍କୁ ପ୍ରଶାସନିକ ସେବାର ଭୀଷ୍ମ ପିତାମହ ବୋଲି କହିଥିଲେ। ଏହି କାର୍ଯ୍ୟକ୍ରମରେ ଶିକ୍ଷାନବୀଶ ଅକ୍ଷୟ ପିଲ୍ଲାଇ, ଜିଲ୍ଲା ପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀ ରଜନୀକାନ୍ତ ସ୍ୱାଇଁଙ୍କ ସମେତ ବାରିପଦା ଉପଜିଲ୍ଲାପାଳ ଈଶ୍ୱର ଚନ୍ଦ୍ର ନାଏକ, ମନ୍ତ୍ରୀ ଅଶୋକ ଚନ୍ଦ୍ର ପଣ୍ଡାଙ୍କ ବ୍ୟକ୍ତିଗତ ସଚ୍ଚିବ ରଶ୍ମି ରଞ୍ଜନ ସାହୁ, ଜିଲ୍ଲା ସମସ୍ତ ଅଧିକକାରୀ ବୃନ୍ଦ ଉପସ୍ଥିତ ଥିଲେ। ଅତିରିକ୍ତ ଜିଲ୍ଲାପାଳ ରାଇରଙ୍ଗପୁର ଦୌଲତ ଚନ୍ଦ୍ରକାର ଧନ୍ୟବାଦ ଅର୍ପଣ କରିଥିଲେ। ପ୍ରକାଶ ଥାଉକି, ମୟୂରଭଞ୍ଜ ଜିଲ୍ଲାପାଳ ଭାବେ ଆଶିଷ ଠାକରେ ଖୁବ ଶୀଘ୍ର ଦାୟିତ୍ୱ ଗ୍ରହଣ କରିବେ। ଏଥିସହିତ ଶ୍ରୀ ଭରଦ୍ୱାଜ କଟକ ଜିଲ୍ଲାପାଳ ଏବଂ ଶ୍ରୀ ଅଗ୍ରୱାଲ ସମ୍ବଲପୁର ଜିଲ୍ଲାପାଳ ଭାବେ ଦାୟିତ୍ୱ ଗ୍ରହଣ କରିବେ।

## ଡିପୋରୁ ଲକ୍ଷାଧିକ ଟଙ୍କାର ସିଲିଣ୍ଡର ଚୋରି

**ବାରିପଦା, ୨୮ ।୧(ସମିସ):** ଏକ ରନ୍ଧନ ଗ୍ୟାସ୍ ଡିପୋରୁ ଲକ୍ଷାଧିକ ଟଙ୍କାର ସିଲିଣ୍ଡର ଚୋରି ହୋଇଥିବା ନେଇ ବାରିପଦା ସଦର ଥାନାରେ ଅଭିଯୋଗ ହୋଇଛି। ବାରିପଦା ସଦର ଥାନା ଅନ୍ତର୍ଗତ ଶ୍ୟାମାଖୁଣ୍ଟାରେ ଏଚପି ଗ୍ୟାସ ସିଲିଣ୍ଡର ଗୋଦାମରୁ ୫୬ଟି ଗ୍ୟାସ ସିଲିଣ୍ଡର ଚୋରି ହୋଇଥିବା ଅଭିଯୋଗପତ୍ରରେ ଦର୍ଶାଯାଇଛି। ଦୁର୍ବୃତ୍ତମାନେ ବିଳମ୍ବିତ ରାତିରେ ଗୋଦାମରୁ ୫୬ଟି ଖାଲି ଗ୍ୟାସ ସିଲିଣ୍ଡର ଚୋରି କରି ନେଇ ପଳାଇଛନ୍ତି। ଚୋରି ହୋଇଥିବା ସିଲିଣ୍ଡରର ମୂଲ୍ୟ ୧ଲକ୍ଷ ୨୩ ହଜାର ୨୦୦ ଟଙ୍କା ହେବ ବୋଲି ଅଭିଯୋଗରେ ଉଲ୍ଲେଖ କରାଯାଇଛି। କେନ୍ଦ୍ର ସରକାରଙ୍କ ପକ୍ଷରୁ ଉଜ୍ଜ୍ୱଳା ଯୋଜନାରେ ଉଦ୍ଦିଷ୍ଟ ହିତାଧିକାରୀଙ୍କୁ ରିହାତି ଦରରେ ଗ୍ୟାସ ସିଲିଣ୍ଡର ଯୋଗାଇ ଦେବା ପରେ ଖାଲି ସିଲିଣ୍ଡର ଗୋଦାମରେ ଗଚ୍ଛିତ ରଖାଯାଇଥିଲା।



# ଅର୍ପଣ ରଥରୁ ସଂଗୃହୀତ ୩୭୬ କ୍ୱିଣ୍ଟାଲ ଚାଉଳ ପଠାଗଲା ଶ୍ରୀକ୍ଷେତ୍ର

**କୁଆମରା, ୨୮।୧(ସମିସ):** ଶ୍ରୀ ମନ୍ଦିର ପରିକ୍ରମା ପ୍ରକଳ୍ପ ନିମନ୍ତେ ମୟୂରଭଞ୍ଜରୁ ସଂଗ୍ରହ ହୋଇଥିବା ୩୭୬ କ୍ୱିଣ୍ଟାଲ ୨୮ କିଲୋ ଚାଉଳ ଏବଂ ଏକ କ୍ୱିଣ୍ଟାଲ ୮୬୦ ଗ୍ରାମର ଗୁଆ ଆଜି ଜିଲ୍ଲା ପ୍ରଶାସନ ପକ୍ଷରୁ ପୁରୀ ଶ୍ରୀକ୍ଷେତ୍ରକୁ ପଠାଯାଇଛି। ଏଥିସହିତ ୬୫୫ଟି ନଡିଆ ମଧ ଭକ୍ତଙ୍କ ଦ୍ୱାରା ସମର୍ପଣ କରାଯାଇଛି। ସୋମବାର ପୂର୍ବାହ୍ନରେ ପୁରୀ ମନ୍ଦିର ପ୍ରଶାସନ ଭକ୍ତଙ୍କ ସମର୍ପଣ ଚାଉଳ, ନଡିଆ, ଗୁଆ, ଘିଅ ଆଦି ଗ୍ରହଣ କରିବେ। ଜିଲ୍ଲାର ୨୬ଟି ବ୍ଲକ ମଧ୍ୟରୁ ଗୋପବନ୍ଧୁ ନଗର ବ୍ଲକର ସର୍ବାଧିକ ୪୭ କ୍ୱିଣ୍ଟାଲ ୪୩ କିଲୋ ଚାଉଳ ସଂଗ୍ରହ କରିଛି। ଏ ସବୁ ସାମଗ୍ରୀକୁ ସେଠାରେ ପହଞ୍ଚାଇବା ପାଇଁ ୪ ଜଣ ନୋଡାଲ ଅଫିସରଙ୍କ ନିୟୋଜିତ କରାଯାଇଛି। କପ୍ତିପଦା, ଉଦଳା, ଖୁଣ୍ଟା, ଗୋପବନ୍ଧୁ ନଗର ଓ ବଡସାହି ୫ଟି ବ୍ଲକ ପାଇଁ ନୋଡାଲ ଅଫିସର ଭାବେ ଗୋପବନ୍ଧୁ ନଗର ବ୍ଲକ ବିଡିଓ କରୁଣାକର ଧିନ୍ଦା, ବାଙ୍ଗିରିପୋଷି, ସାରସକଣା, କୁଳିଅଣା, ଶୁଳିଆପଦା ୪ଟି ବ୍ଲକ ପାଇଁ ନୋଡାଲ ଅଫିସର ବାଙ୍ଗିରିପୋଷି ବ୍ଲକ ବିଡିଓ ମାନସ କୁମାର ଦଣ୍ଡପାଟ, ବେତନଟୀ, ବାରିପଦା, ମୋରଡା, ରାସଗୋବିନ୍ଦପୁର ଓ ଶ୍ୟାମାଖୁଣ୍ଟା ୫ ଟି ବ୍ଲକ ପାଇଁ ନୋଡାଲ ଅଫିସର ଶ୍ୟାମାଖୁଣ୍ଟା ବିଡିଓ ମଳୟ କୁମାର ନାୟକ ଓ କରଞ୍ଜିଆ, ରରୁଆଁ, ଶୁକ୍ରୁଳି, ଠାକୁରମୁଣ୍ଡା, ଯଶିପୁର, ରାଇରଙ୍ଗପୁର, ବିଶୋଇ, ଜାମଦା, ବିଜାତଳା, ତିରିଂ, କୁସୁମୀ ଓ ବହଳଦାର ୧୨ଟି ବ୍ଲକ ପାଇଁ ନୋଡାଲ ଅଫିସର ଭାବେ ଜାମଦା ବିଡିଓ ଦେବାଶିଷ ପଣ୍ଡାଙ୍କୁ ଦାୟିତ୍ୱ ପ୍ରଦାନ କରାଯାଇଛି।

# ପ୍ରତିଭା ସମ୍ମାନ ସମାରୋହ




ଠାକୁରମୁଣ୍ଡା, ୨୮।୧(ସମିସ): ଠାକୁରମୁଣ୍ଡା ବ୍ଲକ ରୁଗୁଡ଼ିବେଡା ରାମାରାଣୀ ଗ୍ରୁପ ଅଫ ଇନଷ୍ଟିଚ୍ୟୁସନର ଶାଖା କାର୍ଯ୍ୟାଳୟରେ ପ୍ରତିଭା ସମ୍ମାନ ସମାରୋହ ଅନୁଷ୍ଠିତ ହୋଇଯାଇଛି। ଏଥିରେ ମୁଖ୍ୟ ଅତିଥିଭାବେ ଅତିରିକ୍ତ ଗୋଷ୍ଠୀ ଶିକ୍ଷା ଅଧିକାରୀ ସନ୍ତୋଷ କୁମାର ମିଶ୍ର, ମୁଖ୍ୟବକ୍ତାଭାବେ ଅନୁଷ୍ଠାନର ଚେୟାରମ୍ୟାନ ଲିଙ୍ଗରାଜ ଦାସ, ଅବସରପ୍ରାପ୍ତ ଶିକ୍ଷା ଅଧିକାରୀ ଗିରିଶ ଚନ୍ଦ୍ର ମହାନ୍ତ, ସମ୍ମାନିତ ଅଥିତି ଭାବେ ଗହଣ୍ଡିଆ ବିଦ୍ୟାଳୟ ପ୍ରଧାନ ଶିକ୍ଷକ ଯୁଧିଷ୍ଠିର ମହାନ୍ତ, ତାମୁଲିଆ ବାଲେଶ୍ୱର ସ୍ଥିତ ରାମାରାଣୀ ଇନଷ୍ଟିଚ୍ୟୁସନ ଅଧକ୍ଷ କାର୍ତ୍ତିକ ବାରିକ, ଇଂରାଜୀ ଅଧ୍ୟାପକ କାର୍ତ୍ତିକ ଚନ୍ଦ୍ର କୁଲାରୀ, ନିତ୍ୟାଗୋପାଲ ନାଏକ, ପରମା ନନ୍ଦ ଜେନା ପ୍ରମୁଖ ଯୋଗ ଦେଇଥିଲେ। ନିରଞ୍ଜନ ପଲେଇ ଅତିଥି ପରିଚୟ ଦେଇଥିଲେ। ଏହି ଅବସରରେ ଠାକୁରମୁଣ୍ଡା ବ୍ଲକର ୨୭ଟି ଉଚ୍ଚ ବିଦ୍ୟାଳୟରେ ହୋଇଥିବା ମେଧା ଅନ୍ୱେଷଣ ପରୀକ୍ଷାରେ କୃତକାର୍ଯ୍ୟ ହୋଇଥିବା ୮୫ ଜଣ ଛାତ୍ରଛାତ୍ରୀଙ୍କୁ ଅତିଥିମାନେ ପ୍ରତିଭା ସମ୍ମାନ ପ୍ରଦାନ କରିଥିଲେ।

# ଆମ ଓଡ଼ିଶା, ନବୀନ ଓଡ଼ିଶା ପଞ୍ଚାୟତସ୍ତରୀୟ ସଚେତନତା



**କୁଆମରା, ୨୮।୧(ସମିସ):** ଆମ ଓଡ଼ିଶା ନବୀନ ଓଡ଼ିଶା କାର୍ଯ୍ୟକ୍ରମ ମାଧ୍ୟମରେ ଗୋପବନ୍ଧୁ ନଗର ବ୍ଲକର ବିଭିନ୍ନ ପଞ୍ଚାୟତରେ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଗତ ୨୪ ତାରିଖରୁ ଆରମ୍ଭ ହୋଇ ଫେବୃୟାରୀ ୬ ତାରିଖ ପର୍ଯ୍ୟନ୍ତ ପଞ୍ଚାୟତରେ ଆୟୋଜିତ ହେବ। ବିଡିଓ କରୁଣାକର ଧିନ୍ଦା ଯୋଗ ଦେଇ ଆୟୋଜିତ ସଚେତନତା କାର୍ଯ୍ୟକ୍ରମର ଉଦ୍ଦେଶ୍ୟ ଓ ଆଭିମୁଖ୍ୟ ସମ୍ପର୍କରେ ବକ୍ତବ୍ୟ ରଖିଥିଲେ। ସ୍ୱୟଂ ସହାୟକ ଗୋଷ୍ଠୀ ମଧ୍ୟମରେ ବିଭିନ୍ନ ପ୍ରକଳ୍ପ ପ୍ରଦର୍ଶିତ ହୋଇଥିଲା। ଏଥିସହିତ ସରକାରଙ୍କ ବିଭିନ୍ନ ଜନକଲ୍ୟାଣ ଯୋଜନା ସମ୍ପର୍କରେ ସଚେତନତା କରାଯାଇଥିଲା। ବିଭିନ୍ନ ପଞ୍ଚାୟତର ସରପଞ୍ଚ, ସମିତି ସଭ୍ୟ, ବ୍ଲକ ଅଧକ୍ଷା, ଉପାଧକ୍ଷା, ବ୍ଲକ କର୍ମଚାରୀ, ସ୍ୱୟଂ ସହାୟକ ଗୋଷ୍ଠୀ, ମିଶନ ଶକ୍ତି, ପଞ୍ଚାୟତ କାର୍ଯ୍ୟ ନିର୍ବାହୀ ଅଧିକାରୀ, ଜିଆର ଏସ୍ ପ୍ରମୁଖ ଉପସ୍ଥିତ ଥିଲେ।

# ଖୁଣ୍ଟା ସରକାରୀ ଉଚ୍ଚ ବିଦ୍ୟାଳୟରେ ଆଲୋଚନାଚକ୍ର



**କୁଆମରା, ୨୮।୧(ସମିସ):** ଗୋପବନ୍ଧୁ ନଗର ବ୍ଲକ ଖୁଣ୍ଟା ସରକାରୀ ଉଚ୍ଚ ବିଦ୍ୟାଳୟରେ ଭାଷା, ସାହିତ୍ୟ ଓ ସୃଜନଶୀଳତା ଉପରେ ଏକ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଯାଇଛି। ପ୍ରଧାନ ଶିକ୍ଷୟିତ୍ରୀ ଗାୟତ୍ରୀ ସେଠୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଉତ୍ସବରେ ମୁଖ୍ୟ ଅତିଥି ଖୁଣ୍ଟା ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ପ୍ରାଧାପିକା ସଞ୍ଜୁଲତା ମହାନ୍ତି, ସମ୍ମାନିତ ଅତିଥି ବିଦ୍ୟାଳୟ ପରିଚାଳନା କମିଟି ସଭାପତି ଦେବରଞ୍ଜନ ବେହେରା, ଗୁରୁପ୍ରସାଦ ପ୍ରଧାନ, ସହକାରୀ ଶିକ୍ଷକ ସୁରଞ୍ଜିତା ପାଣି ଓ ଉମାଶଙ୍କର ଚକ୍ରବର୍ତ୍ତୀ ଯୋଗଦେଇ ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ସମ୍ପର୍କରେ ଆଲୋକପାତ କରିଥିଲେ। ଏହି ଅବସରରେ ନବମ ଓ ଦଶମ ଦୁଇ ଶ୍ରେଣୀର ଛାତ୍ରଛାତ୍ରୀମାନଙ୍କ ଦ୍ୱାରା ବିଭିନ୍ନ ପ୍ରକଳ୍ପ ପ୍ରଦର୍ଶିତ ହୋଇଥିଲା। ଉକ୍ତ କାର୍ଯ୍ୟକ୍ରମରେ ଛାତ୍ରଛାତ୍ରୀଙ୍କର ପୁସ୍ତକ ଲିଖନ, ମୋ କଥା ମୋ କାହାଣୀ ଆଦୃତ ଲାଭ କରିଥିଲା। ସହକାରୀ ଶିକ୍ଷକ ଧର୍ମେନ୍ଦ୍ର ପଣ୍ଡା ଓ ଶିକ୍ଷୟତ୍ରୀ ସରସ୍ୱତୀ ମାରାଣ୍ଡି କାର୍ଯ୍ୟକ୍ରମ ସଞ୍ଚାଳନ କରିଥିଲେ।

## ସରସ୍ୱତୀ ପୂଜା କମିଟିର ସାଧାରଣ ବୈଠକ

# ମେଳାକୁ କରାଯିବ ଅଧିକ ଆକର୍ଷଣ; ଝଲସିବ ସହର

ଉଦଳା, ୨୮।୧(ସମିସ)



ଉଦଳା ସରସ୍ୱତୀ ମନ୍ଦିର ପରିସରରେ ରବିବାର ମନ୍ଦିର କମିଟିର ଏକ ସାଧାରଣ ପରିଷଦ ବୈଠକ ଉପସଭାପତି କ୍ଷିରୋଦ ମହାନ୍ତିଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଯାଇଛି। ବୈଠକରେ ଉଦଳା ବିଧାୟକ ଭାସ୍କର ମଢେଇ ଯୋଗଦେଇ ସଂସ୍କୃତି ସମ୍ପନ୍ନ ଉତ୍ତର ଓଡ଼ିଶାର ସର୍ବବୃହତ ଉଦଳା ସରସ୍ୱତୀ ମେଳାକୁ ଅଧିକ କଳେବର ହୋଇପାରିବ ସେ ନେଇ ପଦକ୍ଷେପ ଗ୍ରହଣ କରିବାକୁ ଆହ୍ୱାନ ଦେଇଥିଲେ। ସମ୍ପାଦକ ରବୀନ୍ଦ୍ର ପରିଡ଼ା ଆୟବ୍ୟୟର ହିସାବ ଦେବା ସହିତ ମେଳା ଆୟୋଜନକୁ ନେଇ ଥିବା ସମସ୍ୟା ସମ୍ପର୍କରେ ବିସ୍ତୃତ ଆଲୋଚନା କରିଥିଲେ। ସଭାପତି ସନ୍ତୋଷ କୁମାର ବେହେରାଙ୍କ ବୃତ୍ତିଗତ ଅନୁପସ୍ଥିତ କାରଣରୁ ବରିଷ୍ଠ ଆଇନଜୀବୀ ବସନ୍ତ କୁମାର ପରିଡ଼ାଙ୍କୁ ସଭାପତି ଭାବେ ମନୋନୀତ କରାଯାଇଥିଲା। ମେଳା ଆୟୋଜନ ନେଇ ପ୍ରଶାସନିକ ଅନୁମତି ସହିତ ମେଳାକୁ ଅଧିକ ଆକର୍ଷଣୀୟ ଓ ସଂସ୍କୃତିମୟ କରିବା ସହିତ ସହରକୁ ଆଲୋକରେ ସଜ୍ଜିତ କରିବାକୁ ବୈଠକରେ ମତ ପ୍ରକାଶ ପାଇଥିଲା। ତେବେ ୧୨ଲକ୍ଷ ଟଙ୍କାରୁ ଅଧିକ ବଳକା ସଞ୍ଚୟ ନେଇ କମିଟିକୁ ଧନ୍ୟବାଦ ଅର୍ପଣ କରାଯାଇଥିଲା। ତେବେ ପ୍ରତିବର୍ଷ ଭଳି ଉଦଳା ପରେଡ଼ ପଡ଼ିଆରେ ଆୟୋଜନ ନେଇ ଏକମତ ସୃଷ୍ଟି ହେବା ସହିତ ପ୍ରଶାସନିକ ସହଯୋଗ ଓ ପୁଲିସ ସୁରକ୍ଷା ବ୍ୟବସ୍ଥା ମଧ୍ୟରେ କରିବାକୁ ବୈଠକରେ ନିଷ୍ପତ୍ତି ଗ୍ରହଣ କରାଯାଇଛି। ବୈଠକରେ ଅନ୍ୟମାନଙ୍କ ମଧ୍ୟରେ ସହ ସମ୍ପାଦକ ଦାତାକର୍ଣ୍ଣ ସାହୁ, ରତ୍ନାକର ପ୍ରଧାନ, ଉପଦେଷ୍ଟା ଯଜ୍ଞନାରାୟଣ ମହାନ୍ତି, ପ୍ରଭାତ ପରିଡ଼ା, ହାଡ଼ିବନ୍ଧୁ ପୁଥାଳ, କାଉନସିଲର ଧୀରେନ୍ଦ୍ର ଖଣ୍ଡେଲବାଲ ପ୍ରମୁଖ ବକ୍ତବ୍ୟ ରଖିଥିଲେ। ସେହିପରି ଜଗନ୍ନାଥ କମିଟି ସଭାପତି ସୋମନାଥ ସାହୁ, ଆପଦ ରାଉତ, ହିମାଦ୍ରୀ ଶେଖର ପାଲ, ସନ୍ତୋଷ ବାଛିନୀ, ଡିକେନ୍ସ ବେହେରା, ହେମନ୍ତ ବେହେରା, ସ୍ୱରୂପ ଦାସ ସମେତ ବହୁ ସଦସ୍ୟ ଉପସ୍ଥିତ ରହି ମତ ଦେଇଥିଲେ।

# ଜିଲ୍ଲାସ୍ତରୀୟ ଜୁନିୟର ରେଡ୍‌କ୍ରସ ଶିକ୍ଷା ଓ ପ୍ରଶିକ୍ଷଣ ଶିବିର ଉଦ୍‌ଘାଟିତ




**ବାଙ୍ଗିରିପୋଷି, ୨୮।୧(ସମିସ):** ବାଙ୍ଗିରିପୋଷି ସରକାରୀ ଉଚ୍ଚ ବିଦ୍ୟାଳୟରେ ଜିଲ୍ଲାସ୍ତରୀୟ ଜୁନିୟର ରେଡ଼କ୍ରସ ଶିକ୍ଷା ଓ ପ୍ରଶିକ୍ଷଣ ଶିବିର ଉଦଘାଟିତ ହୋଇଯାଇଛି। ଜିଲ୍ଲା ଶିକ୍ଷା ଅଧିକାରୀ ପୂର୍ଣ୍ଣଚନ୍ଦ୍ର ସେଠୀଙ୍କ ସଭାପତିତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ରୂପେ ରାଜ୍ୟସଭା ସାଂସଦ ମମତା ମହାନ୍ତ ଯୋଗ ଦେଇ ଶିବିରକୁ ଉଦଘାଟନ କରିବା ସହ ବିଶ୍ୱର ସର୍ବଶ୍ରେଷ୍ଠ ସେବା ସଂସ୍ଥା ରେଡ଼କ୍ରସର ପ୍ରତିଷ୍ଠାତା ହେନେରୀ ଡୁନାଣ୍ଟଙ୍କ ଆଦର୍ଶରେ ଅନୁପ୍ରାଣିତ ହେବା ପାଇଁ ଶିବିରାର୍ଥୀଙ୍କୁ ଉଦବୋଧନ ଦେଇଥିଲେ। ବିଶିଷ୍ଟ ଅତିଥିରୂପେ ଜିଲ୍ଲା ପରିଷଦ ସଭାପତି ଭାରତୀ ହାଁସଦା ଯୋଗଦେଇ ସେବା, ପରୋପକାରିତା ଓ ରକ୍ତଦାନ ଭଳି ମହତ ଗୁଣର ଅଧିକାରୀ ହେବା ପାଇଁ ଛାତ୍ରଛାତ୍ରୀଙ୍କୁ ଆହ୍ୱାନ ଦେଇଥିଲେ। ଜୁନିୟର ରେଡ଼କ୍ରସ ସମ୍ପାଦକ ଭାଗିରଥି ମଲ୍ଲିକ ଶିବିରର ଆଭିମୁଖ୍ୟ ଓ ନିୟମାବଳୀ ବର୍ଣ୍ଣନା କରିଥିଲେ। ସମ୍ମାନିତ ଅତିଥିଭାବେ ବାଙ୍ଗରିପୋଷୀ ବ୍ଲକ ଶିକ୍ଷା ଅଧିକାରୀ ଗୌତମ କୁମାର ପାତ୍ର, ଆୟୋଜକ ବିଦ୍ୟାଳୟର ପ୍ରଧାନଶିକ୍ଷକ ସୁନିତା ସାହୁ ପ୍ରମୁଖ ଯୋଗ ଦେଇଥିଲେ। ପ୍ରଶିକ୍ଷକ ଭାବେ ରାଜ୍ୟ ସାଧନକର୍ମୀ ଉମାକାନ୍ତ ବେହେରା, ରାଜ୍ୟ ସାଧନକର୍ମୀ ବାମନ ଚରଣ ମହାନ୍ତି, ରାଜ୍ୟ ସାଧନକର୍ମୀ ଡ଼ ରମାକାନ୍ତ ମହାନ୍ତ, ଜିଲ୍ଲା ରେଡ଼କ୍ରସ ସଂଯୋଜକ ଡ଼ ଶଶୀଧର ବିଶ୍ୱାଳ, ରାଜ୍ୟ ସାଧନକର୍ମୀ ସତ୍ୟ ନାରାୟଣ ଦାସ, ଜିଲ୍ଲା ଜୁନିୟର ରେଡ଼କ୍ରସ ଅଧିକାରୀ ସ୍ମୃତିରଞ୍ଜନ ପାଣି, ଜିଲ୍ଲା ସାଧନକର୍ମୀ ବିନ୍ଦୁରେଖା ପାତ୍ର ଏବଂ ରାଜ୍ୟ ବିପର୍ଯ୍ୟୟ ପରିଚାଳନାର ସାଧନକର୍ମୀ ଚନ୍ଦନ କୁମାର ଦାସ, ଦୀପକ ରାମ, ଦେବରାଜ ମିଶ୍ର, ମନୋଜ କୁମାର ଜେନା, ବିଜୟ ସୂତାର ପ୍ରମୁଖ ଉପସ୍ଥିତ ଥିଲେ। ରାଜ୍ୟ ସାଧନକର୍ମୀ ଡ଼ ଶଶୀଧର ବିଶ୍ୱାଳ ଧନ୍ୟବାଦ ଅର୍ପଣ କରିଥିଲେ। ବିଭିନ୍ନ ବିଦ୍ୟାଳୟରୁ ୫୧୬ ଜଣ ଶିବିରର୍ଥୀ, ୮୫ ଜଣ ରେଡ଼କ୍ରସ କାଉନସେଲର ଯୋଗଦେଇଥିଲେ। ସେଣ୍ଟ୍ରାଲ ଅଫିସିୟାଲ ଭାବେ ହରିଶ୍ଚନ୍ଦ୍ର ରାଉତ, ବୀରେନ୍ଦ୍ର ଦଳେଇ, ବ୍ରହ୍ମାନନ୍ଦ ମାହାଳିକ, ପଙ୍କଜ ବେହେରା, ପ୍ରଦୀପ ଚୌଧୁରୀ, ଅଭିନନ୍ଦନ ମହୁରୀ, ମନୋରଞ୍ଜନ ମହାନ୍ତ ପ୍ରମୁଖ ଯୋଗ ଦେଇଥିଲେ।

# କରଞ୍ଜିଆରେ ସରକାରୀ ଆଇଟିଆଇ ଉଦ୍‌ଘାଟିତ



**କରଞ୍ଜିଆ, ୨୮।୧(ସମିସ):** କରଞ୍ଜିଆ ବ୍ଲକ ମଣ୍ଡୁଆଠାରେ ସରକାରୀ ଶିଳ୍ପ ତାଲିମ କେନ୍ଦ୍ର (ଆଇଟିଆଇ) ରାଜ୍ୟସଭା ସାଂସଦ ମମତା ମହାନ୍ତଙ୍କ ଦ୍ୱାରା ଉଦଘାଟିତ ହୋଇଯାଇଛି। ଉଦଘାଟନ ଉତ୍ସବରେ ମୁଖ୍ୟଅତିଥି ଭାବେ ମନ୍ତ୍ରୀ ବାସନ୍ତୀ ହେମ୍ବ୍ରମ ଯୋଗଦେବାର ଥିଲା; କିନ୍ତୁ କାର୍ଯ୍ୟ ବ୍ୟସ୍ତତା ହେତୁ ସେ ଯୋଗଦେଇପାରିନାହାନ୍ତି। ସମ୍ମାନିତ ଅତିଥି ଭାବେ ମୁରଭଞ୍ଜ ଜିଲ୍ଲାପରିଷଦ ଅଧ୍ୟକ୍ଷା ଭାରତି ହାଁସଦା ଯୋଗ ଦେଇ କରଞ୍ଜିଆରେ ଶିଳ୍ପ ତାଲିମ କେନ୍ଦ୍ରକୁ ଉଦଘାଟନ କରିବା ସହିତ ବିଶ୍ୱ ଓଡ଼ିଆ ଭାଷା ସମ୍ମିଳନୀ ଓ ଜଗନ୍ନାଥ ସଂସ୍କୃତିର ପ୍ରଚାର ପ୍ରସାର ନିମନ୍ତେ ନୂଆ-ଓ ଭାଷା ପ୍ରତିଯୋଗିତା କାର୍ଯ୍ୟକ୍ରମରେ ଯୋଗଦେଇ ଓଡ଼ିଆ ଭାଷାର ଉନ୍ନତି ଓ ଶୁଦ୍ଧତା ବିଷୟରେ ଗୁରୁତ୍ୱ ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ଡେପୁଟି ଡାଇରେକ୍ଟର ଅଫ ଡିଟିଇଟି, କଟକର ସତ୍ୟନନ୍ଦ ସେଠୀ, ପୂର୍ଣ୍ଣଚନ୍ଦ୍ର ଆଇଟିଆଇ ବାରିପଦାର ଅଧ୍ୟକ୍ଷ କନ୍ଦନ ମାଝୀ, ଶିକ୍ଷକ ଚନ୍ଦନ ପାଣିଗ୍ରାହୀ ଯୋଗ ଦେଇଥିଲେ। ଅନୁଷ୍ଠାନର ଭାରପ୍ରାପ୍ତ ଅଧ୍ୟକ୍ଷ ସୁରେଶ ଚନ୍ଦ୍ର ପାଢ଼ୀ ଅଧ୍ୟକ୍ଷତା କରିଥିବା ବେଳେ ଏଟିଓ କୁମୁଦିନୀ ମହାନ୍ତ ଧନ୍ୟବାଦ ଦେଇଥିଲେ।

# ଏମ୍‌ଡିସି କପ୍ କ୍ରିକେଟ୍ ପ୍ରତିଯୋଗିତା ଉଦ୍‌ଘାଟିତ




**କରଞ୍ଜିଆ, ୨୮।୧(ସମିସ):** କରଞ୍ଜିଆ ମିଳନ ପଡ଼ିଆ ଦୁର୍ଗାପୂଜା କମିଟି ଆନୁକୂଲ୍ୟରେ ଷ୍ଟାଡିଅମରେ ଆୟୋଜିତ ଚତୁର୍ଥ ଏମଡିସି କପ କ୍ରିକେଟ ପ୍ରତିଯୋଗିତା ଆଜି ଉଦଘାଟିତ ହୋଇଯାଇଛି। ଏଥିରେ ମୁଖ୍ୟ ଅତିଥିଭାବେ ଏନଏସି ଉପାଧକ୍ଷ ସରୂପ କୁମାର ପରିଜା ଯୋଗଦେଇ ଖେଳକୁ ଉଦଘାଟନ କରିଥିଲେ। ଉଦ୍‌ଘାଟନୀ ଦିବସରେ ୩ଟି ଖେଳ ଅନୁଷ୍ଠିତେ ହାଇଥିଲା। ପ୍ରଥମ ଖେଳ ରରୁଆ ବନାମ ମାର୍କେଟ ଏକାଦଶ କରଞ୍ଜିଆ ମଧ୍ୟରେ ଅନୁଷ୍ଠିତ ହୋଇଥିଲା। ଏହି ମ୍ୟାଚରେ ମାର୍କେଟ ଏକାଦଶ ଟସ ଜିତି ପ୍ରଥମେ ଫିଲଡିଂ କରିବାର ନିଷ୍ପତ୍ତି ନେଇ ରରୁଁଆ ଦଳକୁ ବ୍ୟାଟିଂ କରିବାକୁ ଆମନ୍ତ୍ରଣ କରିଥିଲା। ନିର୍ଦ୍ଧାରିତ ୧୦ ଓଭର ଖେଳରେ ରରୁଁଆ ୧୦ ଓଭର ଖେଳି ୫ ଉଇକେଟ ହରାଇ ୮୯ ରନ କରିଥିଲା। ଜବାବରେ ମାର୍କେଟ ଏକାଦଶ, କରଞ୍ଜିଆ ୧୦ ରନ ବ୍ୟବଧାନରେ ପରାସ୍ତ ହୋଇଥିଲା। ସେହିପରି ଦ୍ୱିତୀୟ ମ୍ୟାଚ ଏକ୍ଟିଭ ୩୦+ ବନାମ ଭାଇକିଙ୍ଗ, କରଞ୍ଜିଆ ଦଳ ମଧ୍ୟରେ ଅନୁଷ୍ଠିତ ହୋଇଥିଲା। ଏଥିରେ ଭାଇକିଙ୍ଗ, କରଞ୍ଜିଆ ବିଜୟ ହୋଇ ତୃତୀୟ ମ୍ୟାଚ ରରୁଆ ସହିତ ଖେଳିଥିଲା। ଫଳରେ କରଞ୍ଜିଆ ଭାଇକିଙ୍ଗ୍ ଦଳ ବିଜୟୀ ହୋଇଛି।

# ଜଳିଗଲା ଚଳନ୍ତା ସ୍କୁଟି; ବର୍ତ୍ତିଲେ ଆରୋହୀ

**ବାରିପଦା, ୨୮।୧(ସମିସ):** ରାସ୍ତାରେ ଚାଲୁଥିବା ବେଳେ ଏକ ସ୍କୁଟିରେ ନିଆଁ ଲାଗିଯାଇଥିଲା। ଆଖି ପିଛୁଳାକେ ହୁତୁ ହୁତୁ ହୋଇ ଜଳିଗଲା ସ୍କୁଟି। ତେବେ ଅଳ୍ପକେ ବର୍ତ୍ତି ଯାଇଛନ୍ତି ଆରୋହୀ ଜଣକ। ସୂଚନା ଅନୁଯାୟୀ, ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ରବିବାର ସନ୍ଧ୍ୟାରେ ରାସ୍ତାରେ ଏକ ସ୍କୁଟି ଯାଉଥିବା ବେଳେ କୌଣସି କାରଣରୁ ଧୂଆଁ ବାହାରିଥିଲା। ସ୍କୁଟିର ଆରୋହୀ ଜଣକ ସ୍କୁଟିରେ ହଠାତ ନିଆଁ ଲାଗିଯାଇଥିବା ଦେଖି ତୁରନ୍ତ ଗାଡିରୁ ଓହ୍ଲାଇ ପଡ଼ିଥିଲେ। ପରେ ଗାଡିଟି ହୁତୁ ହୁତୁ ହୋଇ ଜଳିଗଲା। ସ୍ଥାନୀୟ ଲୋକ ଓ ଅଗ୍ନିଶମ ବାହିନୀ ନିଆଁକୁ ଆୟତ୍ତ କରିଥିଲେ। ତେବେ ନିଆଁ କିପରି ଲାଗିଲା ତାହା ଜଣାପଡ଼ିନାହିଁ। ଗାଡିଟି ସମ୍ପୂର୍ଣ୍ଣ ଜଳିଯାଇଛି।

# ବାଲିଭର୍ତ୍ତି ଡମ୍ଫର ଜବତ; ଡ୍ରାଇଭର କୋର୍ଟ ଚାଲାଣ

**ଶୁଳିଆପଦା, ୨୮।୧(ସମିସ):** ଶୁଳିଆପଦା ଅଞ୍ଚଳରେ ବାଲି ଚୋରାଚାଲାଣ ଦିନକୁ ଦିନ ବଢ଼ି ଚାଲିଛି। ଗତକାଲି ଶୁଳିଆପଦା ଆଇଆଇସି ଆଦିତ୍ୟପ୍ରସାଦ ଜେନା ଶୁଳିଆପଦା ଥାନା ଅଧୀନ ମଡାଉକାଠାରେ ଏକ ଡମ୍ଫରରେ ବାଲି ଚୋରା ଚାଲାଣ କରାଯାଉଥିବା ବେଳେ ଜବତ କରିଛନ୍ତି। ଗାଡିର ଚାଳକ ଘୁସୁରିଆ ଗ୍ରାମର ହରିହର ବାରିକ୍‌ଙ୍କ ପୁଅ ବନମାଳୀ ବାରିକ୍ (୪୮)ଙ୍କୁ ଗିରଫ କରି କୋର୍ଟ ଚାଲାଣ କରାଯାଇଛି।

# ବଡଭାଲିଆ ଲ୍ୟାମ୍ପ୍ସ ଶାଖା ପରିଚାଳକଙ୍କ ଅକାଳ ବିୟୋଗ

**ଶୁଳିଆପଦା, ୨୮।୧(ସମିସ):** ଶୁଳିଆପଦା ବ୍ଲକ ଉଫାଲଗଡ଼ିଆ ପଞ୍ଚାୟତ ଗୁହାଳଡିହା ଗ୍ରାମ ତଥା କଣ୍ଟିସାହି ଲ୍ୟାମ୍ପ୍ସର ନିର୍ଦ୍ଦେଶକ ଶିରୀଶଚନ୍ଦ୍ର ଦାସଙ୍କ ପୁଅ ହରିହର ଦାସ (୪୨)ଙ୍କ ପରଲୋକ ହୋଇଯାଇଛି। ସେ କଣ୍ଟିସାହି ଲ୍ୟାମ୍ପ୍ସ ଅଧୀନ ବଡଭାଲିଆ ଶାଖା ପରିଚାଳକ ଭାବେ କାର୍ଯ୍ୟ କରୁଥିଲେ। ଗତକାଲି ସକାଳୁ ଶୌଚ ସାରି ଆସିବା ପରେ ହଠାତ ମୁଣ୍ଡ ବୁଲାଇବାରୁ ସେ ଅସୁସ୍ଥ ହୋଇ ପଡ଼ିଥିଲେ। ପରିବାର ଲୋକେ ପ୍ରାଥମିକ ଚିକିତ୍ସା ପରେ ବାରିପଦା ସ୍ଥିତ ପିଆରଏମ୍ ମେଡିକାଲକୁ ନେଇଥିଲେ; ହେଲେ ଗତକାଲି ସନ୍ଧ୍ୟାରେ ଚିକିତ୍ସାଧୀନ ଅବସ୍ଥାରେ ତାଙ୍କର ମୃତ୍ୟୁ ଘଟିଛି। ତାଙ୍କ ବିୟୋଗାରେ ଅଞ୍ଚଳରେ ଶୋକର ଛାୟା ଖେଳିଯାଇଛି।

# ପ୍ରାଦେଶିକ ଖେଳକୁଦ ସମାରୋହ ଉଦ୍‌ଘାଟିତ




**କରଞ୍ଜିଆ, ୨୮।୧(ସମିସ):** କରଞ୍ଜିଆ ବାଣୀତୀର୍ଥ ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିରରେ ପ୍ରାଦେଶିକ ଖେଳକୁଦ ସମାରୋହ ଉଦ୍‌ଘାଟିତ ହୋଇଯାଇଛି। ଏଥିରେ ମୁଖ୍ୟ ଅତିଥି ଭାବରେ କେନ୍ଦ୍ରମନ୍ତ୍ରୀ ଙ୍କ ବିଶ୍ୱେଶ୍ୱର ଟୁଡୁ ଯୋଗଦାନ କରି କ୍ରୀଡା ଜ୍ୟୋତି ପ୍ରଜ୍ୱଳନ ପୂର୍ବକ କ୍ରୀଡାର ଶୁଭାରମ୍ଭ କରିଥିଲେ। ମୁଖ୍ୟ ବକ୍ତାଭାବେ ପୂର୍ବ କ୍ଷେତ୍ର ଅଧ୍ୟକ୍ଷ ଡା. ଲକ୍ଷ୍ମୀକାନ୍ତ ମହାରଣା ଯୋଗଦାନ କରି ସମସ୍ତ ଖେଳାଳିଙ୍କୁ ଉତ୍ସାହିତ କରିଥିଲେ। ଶିକ୍ଷା ବିକାଶ ସମିତି ଓଡ଼ିଶାଙ୍କର ସଂଗଠନ ମନ୍ତ୍ରୀ ତାରକଦାସ୍ ସରକାର ନିଷ୍ଠାପର ସହକାରେ ଖେଳିବାକୁ ଖେଳାଳିଙ୍କୁ ପ୍ରେରଣା ଯୋଗାଇଥିଲେ। ବିଦ୍ୟାଳୟ ପରିଚାଳନା ସମିତିର ସମ୍ପାଦକ ଈଶ୍ୱର କୁମାର ମହାନ୍ତ, ସଭାପତି ଦିଲ୍ଲୀପ କୁମାର ପୃଷ୍ଟି, କରଞ୍ଜିଆ ସଂକୁଳ ପ୍ରମୁଖ ପାର୍ଥସାରଥୀ ପାତ୍ର ସମେତ ପରିଚାଳନା ସମିତିର ସମସ୍ତ ସଦସ୍ୟ ସହଯୋଗ କରିଥିଲେ।

## ବରିଷ୍ଠ ନାଗରିକ ମଞ୍ଚ ସମୂହର ବାର୍ଷିକ ସମ୍ମିଳନୀ

# ଅଭିଜ୍ଞତା ଓ ଅନୁଭବ ସମାଜକୁ ଠିକ୍ ମାର୍ଗ ଦେଖାଇଥାଏ

ଉଦଳା, ୨୮।୧(ସମିସ)




ମୟୂରଭଞ୍ଜ ବରିଷ୍ଠ ନାଗରିକ ମଞ୍ଚ ସମୂହର ତୃତୀୟ ବର୍ଷିକ ସମ୍ମିଳନୀ ଉଦଳା ସ୍ନେହା ତୁଳସୀ କଲ୍ୟାଣୀ ମଣ୍ଡପରେ ଅନୁଷ୍ଠିତ ହୋଇଯାଇଛି। ଉଦଳା ବରିଷ୍ଠ ନାଗରିକ ସଂଘର ସଭାପତି ଜୟଚନ୍ଦ୍ର ପତ୍ରୀଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସମ୍ମିଳନୀରେ ମୁଖ୍ୟ ଅତିଥି ଭାବେ ବିଧାୟକ ଭାସ୍କର ଚନ୍ଦ୍ର ମଢେଇ ଯୋଗ ଦେଇ ବରିଷ୍ଠ ନାଗରିକଙ୍କ ଅନୁଭବ ଓ ଅଭିଜ୍ଞତା ହିଁ ଏକ ସକାରାତ୍ମକ ସମାଜ ଗଠନରେ ସହାୟକ ହୋଇଥାଏ। ଏଣୁ ବରିଷ୍ଠ ନାଗରିକ ଏକତାବଦ୍ଧ ଭାବେ ଗୋଟିଏ ମଞ୍ଚରେ ରହିବା ଆମ ଅଞ୍ଚଳ ପାଇଁ ଏକ ସକାରାତ୍ମକ ଓ ଶୁଭ ସୂଚନା ବୋଲି କହିଥିଲେ। ମୁଖ୍ୟ ବକ୍ତା ଭାବେ ଏନଏସି ନଗରପାଳ ପ୍ରମିଳା ପଣ୍ଡା ବରିଷ୍ଠତା ହିଁ ଈଶ୍ୱରଙ୍କ ସମ୍ଭାବନା ବୋଲି ଅଭିହିତ କରିଥିଲେ। ସମ୍ମିଳନୀରେ ବାରିପଦା ବରିଷ୍ଠ ନାଗରିକ ସଂଘର ସମ୍ପାଦକ ଡ଼ ଶ୍ୟାମସୁନ୍ଦର ଦାଶ ଯୋଗ ଦେଇ ବରିଷ୍ଠ ନାଗରିକଙ୍କ ସୁସ୍ଥତା, ଆନନ୍ଦ ଓ ଜିଲ୍ଲାର ସାମଗ୍ରିକ ବିକାଶ ଆଭିମୁଖ୍ୟ ବୋଲି ପ୍ରକାଶ କରିଥିଲେ। ଜିଲ୍ଲାର ରେଳ ବିକାଶ ସହିତ ପର୍ଯ୍ୟଟନ, ଶିକ୍ଷା, ସ୍ୱାସ୍ଥ୍ୟର ବିକାଶ ପାଇଁ ମଞ୍ଚ କାର୍ଯ୍ୟ କରୁଛି। ଆଗାମୀ ଦିନରେ ଏହା ଜାରି ରହିବ ବୋଲି କହିଥିଲେ। ଅନ୍ୟମାନଙ୍କ ମଧ୍ୟରେ ବାରିପଦା ସଂଘର ଉପସଭାପତି ସୁଶାନ୍ତ ପାତ୍ର, ବଡ଼ସାହି ସଂଘର ସଭାପତି ସୁନୀଲ କୁମାର ଦାସ, ବେତନଟୀ ସଂଘର ସମ୍ପାଦକ ଜୟନ୍ତ ପଟ୍ଟନାୟକ, ଝାରପୋଖରିଆ ସଙ୍ଘ ସମ୍ପାଦକ ଘାସିରାମ ମହାନ୍ତ, ବାରିପଦା ମଧୁବନ ସଭାପତି ଡ଼ ଜୟନ୍ତ ପଣ୍ଡା, ଖୁଣ୍ଟା ସଙ୍ଘ ସଭାପତି ଅନନ୍ତ ନାରାୟଣ ଚୌଧୁରୀ, ଗୋପବନ୍ଧୁ ନଗର ସଭାପତି ସନାତନ ଜେନା ପ୍ରମୁଖ ମଞ୍ଚରେ ଉପସ୍ଥିତ ରହି ନିଜର ମତ ଉପସ୍ଥାପନ କରିଥିଲେ। ପୂର୍ଣ୍ଣଚନ୍ଦ୍ର ସାହୁ ଅତିଥି ପରିଚୟ ଓ ଡ଼ ସଚ୍ଚିଦାନନ୍ଦ ପରିଡ଼ା ଧନ୍ୟବାଦ ଅର୍ପଣ କରିଥିଲେ।

# 'ନୂଆ-ଓ' ସାହିତ୍ୟ ପ୍ରତିଯୋଗିତା ଉଦ୍‌ଯାପିତ




**ଝରାଡ଼ିହି, ୨୮।୧ (ସମିସ):** ଝରାଡ଼ିହି ସରକାରୀ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ 'ନୂଆ-ଓ' ସାହିତ୍ୟ ପ୍ରତିଯୋଗିତାର ଉଦଯାପନୀ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ବିଦ୍ୟାଳୟର ଅଧ୍ୟକ୍ଷ ସ୍ମୃତିରଞ୍ଜନ ପାଣିଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ରାଇରଙ୍ଗପୁର ମହାବିଦ୍ୟାଳୟର ଓଡ଼ିଆ ଅଧ୍ୟାପକ ଡ଼ ମିଳନ ମହାନ୍ତ ଯୋଗଦେଇ ଡ଼ିଆ ଭାଷାକୁ ବଞ୍ଚାଇବା ସହିତ ଭଲ ମଣିଷ ଓ ବଡ଼ ମଣିଷ ଭିତରେ ଥିବା ପାର୍ଥକ୍ୟକୁ ନେଇ ଆଲୋଚନା କରିଥିଲେ। ମୁଖ୍ୟବକ୍ତା ଭାବେ ଗୋରୁମାହିଷାଣି ମହାବିଦ୍ୟାଳୟର ଓଡ଼ିଆ ଅଧ୍ୟାପକ ଡ. ଦିଗମ୍ବର ଗିରି, ସ୍ୱତନ୍ତ୍ର ଅତିଥି ଭାବେ ରାଇରଙ୍ଗପୁର ବାଳିକା ମହାବିଦ୍ୟାଳୟର ଓଡ଼ିଆ ଅଧ୍ୟାପକ ଡ. ରାଜେନ୍ଦ୍ର ମଣ୍ଡଳ, ସମ୍ମାନିତ ଅତିଥି ଭାବେ ବିଶିଷ୍ଟ ଶିକ୍ଷାବିତ ଚିତ୍ତରଞ୍ଜନ ମଣ୍ଡଳ, ପୂର୍ବତନ ଶିକ୍ଷକ ଭିକାରି ଚରଣ ବେହେରା, ଟ୍ରଷ୍ଟି ରେଖାରାଣୀ ସିଂ, ପରିଚାଳନା କମିଟିର ସଭାପତି ସିଂଘୁ ଟୁଡୁ, କାର୍ଯ୍ୟକାରୀ ସଭାପତି ଉପେନ୍ଦ୍ର ନାଥ ମହାନ୍ତ, ବୃହସ୍ପତି ବେହେରା, ସାମ୍ବାଦିକ ଦିନେଶ ମହାନ୍ତ, ବସନ୍ତ କୁମାର ସାଣ୍ଡିଲ ପ୍ରମୁଖ ଯୋଗଦେଇ ଉତ୍ତମ ମଣିଷ ହେବା ପାଇଁ ଛାତ୍ରଛାତ୍ରୀଙ୍କୁ ପରାମର୍ଶ ଦେଇଥିଲେ। ଶିକ୍ଷୟିତ୍ରୀ ରୁକୁମଣୀ ହେମ୍ବ୍ରମ ସ୍ୱାଗତ ଅଭିଭାଷଣ ଓ ନୋଡାଲ ଅଫିସର ପ୍ରଶାନ୍ତ କୁମାର ମହାନ୍ତ ବିବରଣୀ ପାଠ କରିଥିଲେ। ବରିଷ୍ଠ ଶିକ୍ଷୟିତ୍ରୀ ଦେଓଲା ମାଝୀ ଧନ୍ୟବାଦ ଅର୍ପଣ କରିଥିଲେ। ଏହି ଅବସରରେ ପପି ବେହେରା, ଅଭିଳାଷ ରାମ, ସୁମିତ୍ରା ଟୁଡୁ, ସିପୁନ ମହାନ୍ତ, ଲୋକନୃତ୍ୟରେ ସୋନାମଣି ସୋରେନ, ରାନୀ ହେମ୍ବ୍ରମ, ବିଷ୍ଣୁ ପ୍ରିୟା ନାଏକ ପ୍ରମୁଖଙ୍କୁ ଅତିଥିମାନେ ପୁରସ୍କୃତ କରିଥିଲେ। ଶିକ୍ଷୟିତ୍ରୀ ଦେବକୀ ଗୋପାଲ, ଦିଗି ମାର୍ଣ୍ଡି, ଲକ୍ଷ୍ମୀ ହାଁସଦା, ଶିକ୍ଷକ ଧର୍ମେସନ ମାଝୀ ଓ ଶିବାନୀ ଶଙ୍କର ଦାଶ ପରିଚାଳନା କରିଥିଲେ।

ସକାଳ
THE SAKALA



# କଥାରେ ନୁହେଁ; କାମରେ ବିଶ୍ୱାସ ରଖନ୍ତି ମୁଖ୍ୟମନ୍ତ୍ରୀ





## ବିଜୁବାବୁଙ୍କୁ ଶ୍ରଦ୍ଧାସୁମନ

'୫-ଟି' ଅଧ୍ୟକ୍ଷ କାର୍ତ୍ତିକ ପାଣ୍ଡିଆନଙ୍କ କେନ୍ଦୁଝର ଜିଲ୍ଲାକୁ ଦିନିକିଆ ଗସ୍ତ ଅବସରରେ କେନ୍ଦୁଝର ସହରର ବିଜୁ ପଟ୍ଟନାୟକ ଛକରେ ସ୍ଥାପିତ ପ୍ରବାଦ ପୁରୁଷ ବିଜୁବାବୁଙ୍କ ପ୍ରତିମୂର୍ତ୍ତିରେ ମଲ୍ୟାର୍ପଣ କରି ଶ୍ରଦ୍ଧାସୁମନ ଅର୍ପଣ କରିଥିଲେ।



କେନ୍ଦୁଝର, ୨୮।୧ (ସମିସ)

ମିଠାମିଠା କଥା ଓ ଦୀର୍ଘ ଭାଷଣରେ ନୁହେଁ; କମ୍ କଥା ଓ କାମରେ ବିଶ୍ୱାସ ରଖନ୍ତି ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ। ତାଙ୍କରି ଆଦର୍ଶରେ ଆମେ ସମସ୍ତେ ଅନୁପ୍ରାଣିତ। କେନ୍ଦୁଝରବାସୀଙ୍କ ସ୍ୱପ୍ନକୁ ପୂରଣ କରିବା ପାଇଁ ସେ ବିନିଦ୍ର ପରିଶ୍ରମ କରୁଛନ୍ତି ଓ ଆମକୁ ମଧ୍ୟ ଅନୁରୂପ କାର୍ଯ୍ୟ କରିବାକୁ ଅନୁପ୍ରେରିତ କରିଛନ୍ତି। ମୁଖ୍ୟମନ୍ତ୍ରୀ ସର୍ବଦା ଲୋକଙ୍କ ସହ ଅଛନ୍ତି ଓ ଲୋକଙ୍କ ପାଇଁ କାମ କରି ଆସୁଛନ୍ତି। ଲୋକମାନଙ୍କ କଥାରେ ସରକାର ଚଳାଉଛନ୍ତି। ଏ ସରକାର ଲୋକଙ୍କ ସରକାର, ଲୋକମାନେ ଯାହା ଚାହିଁବେ ତାହା ହିଁ ସରକାର କରିବେ ବୋଲି '୫-ଟି' ଅଧ୍ୟକ୍ଷ କାର୍ତ୍ତିକ ପାଣ୍ଡିଆନ୍ କହିଛନ୍ତି। କେନ୍ଦୁଝର ଜିଲ୍ଲାକୁ ଦିନିକିଆ ଗସ୍ତରେ ଆସି 'ନୂଆ ଓ' କାର୍ଯ୍ୟକ୍ରମରେ ଯୋଗ ଦେବା ସହ ଜିଲ୍ଲାରେ ଚାଲିଥିବା ବିକାଶମୂଳକ କାର୍ଯ୍ୟର ହିସାବ ଲୋକଙ୍କ ନିକଟରେ ରଖିଛନ୍ତି '୫-ଟି' ଅଧ୍ୟକ୍ଷ। ଧରଣୀଧର ବିଶ୍ୱବିଦ୍ୟାଳୟ ଖେଳପଡ଼ିଆରେ ଆୟୋଜିତ 'ନୂଆ ଓ' କାର୍ଯ୍ୟକ୍ରମରେ ଯୋଗ ଦେଇ ଉପସ୍ଥିତ ହଜାରହଜାର ଛାତ୍ରଛାତ୍ରୀଙ୍କୁ 'ନୂଆ ଓ' କାର୍ଯ୍ୟକ୍ରମର ଆଭିମୁଖ୍ୟ ସମ୍ପର୍କରେ କହିଥିଲେ। ଅଧିକ ସମୟ ସୋସିଆଲ୍ ମିଡିଆରେ ସମୟ ବରବାଦ ନ କରି ନିଜ ସ୍ୱପ୍ନକୁ ସାକାର କରିବାକୁ କଠିନ ପରିଶ୍ରମ କରିବାକୁ ସେ ପିଲାମାନଙ୍କୁ ପରାମର୍ଶ ଦେଇଥିଲେ। ଜିଲ୍ଲାର ମହାନ ବ୍ୟକ୍ତିଙ୍କ ଆଦର୍ଶରେ ଅନୁପ୍ରାଣିତ ହୋଇ ନିଜ ଭବିଷ୍ୟତ ଓ ବାପାମାଆଙ୍କ ସ୍ୱପ୍ନକୁ ସାକାର କରିବାକୁ ଉଦ୍ୟମ ହେବାକୁ ସେ ପରାମର୍ଶ ଦେଇଥିଲେ। ସେହିପରି ସଦର ବ୍ଲକର ସିଲିସୁଆଁରେ ଅନୁଷ୍ଠିତ ସଭା ସ୍ଥଳରେ ଉଦ୍‌ବୋଧନ ଦେଇ ମୁଖ୍ୟମନ୍ତ୍ରୀ କେନ୍ଦୁଝର ଜିଲ୍ଲା ପ୍ରତି କିପରି ଅଗ୍ରାଧିକାରଦେଇ ଉନ୍ନୟନ କାମ କରୁଛନ୍ତି ସେ ସମ୍ପର୍କରେ ଆଲୋକପାତ କରିଥିଲେ। ସଭା ସ୍ଥଳରେ ଉପସ୍ଥିତ ଜନସାଧାରଣଙ୍କ ପକ୍ଷରୁ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶରେ ପ୍ରଦତ୍ତ ଦରଖାସ୍ତ ନେଇ ଆଗାମୀ ୭ ତାରିଖ ମଧ୍ୟରେ ଖୁସି ଖବର ପାଇବେ ବୋଲି କହିଥିଲେ।

ସିଲିସୁଆଁରେ ଆୟୋଜିତ କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ମଧ୍ୟରେ ବିଜେଡିର ସଙ୍ଗଠନ ସମ୍ପାଦକ ପ୍ରଣବ ପ୍ରକାଶ ଦାସ, କେନ୍ଦୁଝର ସାଂସଦ ଚନ୍ଦ୍ରାଣୀ ମୁର୍ମୁ, ଘଷିପୁରା ବିଧାୟକ ବଦ୍ରିନାରାୟଣ ପାତ୍ର, ପାଟଣା ବିଧାୟକ ଜଗନ୍ନାଥ ନାୟକ, ଆନନ୍ଦପୁର ବିଧାୟକ ଭାଗୀରଥି ସେଠୀ, ଚମ୍ପୁଆ ବିଧାୟିକା ମୀନାକ୍ଷୀ ମହାନ୍ତ, କୋରେଇ ବିଧାୟକ ଅଶୋକ ବଳ, ବିଜେଡି ଜିଲ୍ଲା ସଭାପତି ମାଧବ ସର୍ଦ୍ଦାର, ପୂର୍ବତନ ଏମ୍‌ପି ଯଶୋବନ୍ତ ନାରାୟଣ ସିଂ ଲାଗୁରୀ, ପୂର୍ବତନ ଏମ୍‌ପି ରାହସବିହାରୀ ବାରିକ, କେନ୍ଦୁଝର ସହ ପର୍ଯ୍ୟବେକ୍ଷକ ସୁବ୍ରତ ଛାଟୋଇ, ସଦର ପର୍ଯ୍ୟବେକ୍ଷକ ସଂଗ୍ରାମ କେଶରୀ ପାଇକରାୟ, ପାଟଣା ପର୍ଯ୍ୟବେକ୍ଷକ ଡ. ହରିଶ ଚୌଧୁରୀ, ବରିଷ୍ଠ ବିଜେଡି ନେତା ଆଶିଷ ଚକ୍ରବର୍ତ୍ତୀ, ଯୁବ ବିଜେଡି ରାଜ୍ୟ ଉପସଭାପତି ସୌମ୍ୟଶଙ୍କର ଚକ୍ର, କେସିସି ବ୍ୟାଙ୍କ ସଭାପତି କାନନ ବିହାରୀ ପହି, ବିଜେଡି ନେତ୍ରୀ ରମଣୀ ନାଏକ, ଯୁବ ବିଜେଡି ଜିଲ୍ଲା ସଭାପତି ରାକେଶ ରାମଙ୍କ, ବିଜେଡି ଜିଲ୍ଲା ଉପ ସଭାପତି ପ୍ରମୋଦ ପଟ୍ଟନାୟକ, କୁଶ ଆପଟ, ବିଜେଡି ନେତା ଦେବୁ ପଟ୍ଟନାୟକ ବିଭିନ୍ନ ନିର୍ବାଚନମଣ୍ଡଳୀର ପୂର୍ବତନ ବିଧାୟକଙ୍କ ସମେତ ବହୁ ବିଜେଡି ନେତା ଉପସ୍ଥିତ ଥିଲେ।












## କିଝିର୍ ଦିଶମ୍‌ରେ ନତମସ୍ତକ

ସିଲିସୁଆଁ ଠାରେ ଆୟୋଜିତ ସାଧାରଣ ସଭା ପୂର୍ବରୁ ସଭାସ୍ଥଳ ଅନତି ଦୂରରେ ଥିବା ଅନୁସୂଚିତ ଜନଜାତି ସାନ୍ତାଳୀମାନଙ୍କର ଉପାସନା ପୀଠ 'କିଝିର ଦିଶମ ଜାହେରଗାଳ'କୁ '୫-ଟି' ଅଧ୍ୟକ୍ଷ କାର୍ତ୍ତିକ ପାଣ୍ଡିଆନ୍ ଯାଇ ଆଣ୍ଠୁମାଡ଼ି ନମସ୍କାର ହୋଇଥିଲେ। ସେଠାରେ ଉପସ୍ଥିତ ସାନ୍ତାଳୀ ନେତୃବର୍ଗଙ୍କ ସହିତ ଆଲୋଚନା କରିଥିଲେ। ଏହି ଅବସରରେ '୫-ଟି' ଅଧ୍ୟକ୍ଷଙ୍କୁ ସାନ୍ତାଳୀ ସମାଜ ପକ୍ଷରୁ ସଭାସ୍ଥଳ ନିକଟରେ ୧୦୦୦ ଲୋକଙ୍କ କ୍ଷମତା ବିଶିଷ୍ଟ ଆଦିବାସୀ ସଂସ୍କୃତି ଭବନ ନିର୍ମାଣ, ଆଦିବାସୀ ମାନଙ୍କର ଭଗବାନ ବିର୍ସା ମୁଣ୍ଡା, ପଣ୍ଡିତ ରଘୁନାଥ ମୁର୍ମୁ, ଦିଦ୍ଧୁକାହ୍ନୁ, ବାବା ତିଲକା ମାଝୀ, ବିପ୍ଳବୀ ଧରଣୀଧର, ଲକ୍ଷ୍ମଣ ନାଏକ, ବୀର ସୁରେନ୍ଦ୍ର ସାଏ, ଫୁଲ ଝାନ ପ୍ରଭୃତି ମହାପୁରୁଷମାନଙ୍କର ପ୍ରତିମୂର୍ତ୍ତି କିଝିର ଦିଶମ ଜାହେରଗାଳ ନିକଟରେ ସ୍ଥାପନ କରିବା ସହିତ ଖେଲୱାଳ ପାର୍କ (ଟ୍ରାଇବାଲ ହିରୋ ପାର୍କ) ନାମରେ ଏକ ପାର୍କ ସ୍ଥାପନ ନିମନ୍ତେ ମୁଖ୍ୟମନ୍ତ୍ରୀଙ୍କୁ '୫-ଟି' ଅଧ୍ୟକ୍ଷ୍ୟଙ୍କ ଜରିଆରେ ଦାବିପତ୍ର ପ୍ରଦାନ କରିଥିଲେ।



## ପୂର୍ବସୂରୀଙ୍କ ପ୍ରେରଣା ନିଅ

'୫-ଟି' ଅଧ୍ୟକ୍ଷ କାର୍ତ୍ତିକ ପାଣ୍ଡିଆନ୍ 'ନୂଆ ଓ'କାର୍ଯ୍ୟକ୍ରମରେ ଉପସ୍ଥିତ ଛାତ୍ରଛାତ୍ରୀଙ୍କୁ ସଫଳତାର ୬ କଥା କହିଥିଲେ। ଏହିସବୁ ଦିଗ ପ୍ରତି ଧ୍ୟାନଦେଇ ପରିଶ୍ରମ କଲେ ସଫଳତା ମିଳିପାରିବ ବୋଲି କହିଥିଲେ। ବାପା, ମା'ଙ୍କ କଥା ମାନିବା, ଗୁରୁଜନଙ୍କୁ ସମ୍ମାନ ଦେବା ସହ ମହାପୁରୁଷଙ୍କ ଆଦର୍ଶରେ ଅନୁପ୍ରାଣିତ ହେବାକୁ ସେ ପରାମର୍ଶ ଦେଇଥିଲେ। କଠିନ ପରିଶ୍ରମ କରି କେନ୍ଦୁଝର ଜିଲ୍ଲାର ଅନେକ ବ୍ୟକ୍ତିତ୍ୱ ସଫଳତା ପାଇଛନ୍ତି କହି ସେମାନଙ୍କ ମଧ୍ୟରୁ ତିନିଜଣ ବିଭିନ୍ନ କ୍ଷେତ୍ରରେ ସଫଳତା ପାଇଥିବା ଉପସ୍ଥିତ ଛାତ୍ରଛାତ୍ରୀଙ୍କୁ ସୂଚନା ଦେଇଥିଲେ। ଭାରତୀୟ ପ୍ରଶାସନିକ ସେବା (ଆଇଏଏସ୍) କ୍ଷେତ୍ରରେ ସୁରେଶ ମହାପାତ୍ର, ଇସ୍ରୋରେ କାମ କରୁଥିବା ବୈଜ୍ଞାନିକ ଅଟଳକୃଷ୍ଣ ଖଟୁଆ ଏବଂ କ୍ରୀଡ଼ା କ୍ଷେତ୍ରରେ ସଫଳତା ପାଇଥିବା କ୍ରିକେଟର ଶୁଭ୍ରାଂଶୁ ସେନାପତି କିପରି ଅନ୍ୟମାନଙ୍କ ପାଇଁ ପ୍ରେରଣା ସାଜିଛନ୍ତି ତାହା ଉଦାହରଣ ଦେଇଥିଲେ।

## କୀଚକେଶ୍ୱରୀ ଲୋକ ଉତ୍ସବ ଉଦ୍‌ଯାପିତ

# ଏକକ ନୃତ୍ୟରେ କମ୍ପିଲା ମଞ୍ଚ

ବହଳଦା, ୨୮।୧(ସମିସ): ବହଳଦାରେ ଗତ ଗୁରୁବାରଠାରୁ ଆରମ୍ଭ ହୋଇଥିବା କୀଚକେଶ୍ୱରୀ ଲୋକ ଉତ୍ସବ ଶନିବାର ଉଦଯାପିତ ହୋଇଯାଇଛି। ଉଦଯାପନ ଉତ୍ସବରେ ମୁଖ୍ୟ ଅତିଥି ଭାବେ ମୟୂରଭଞ୍ଜ ସ୍ୱତନ୍ତ୍ର ଉନ୍ନୟନ ପରିଷଦର ଅଧ୍ୟକ୍ଷ ଡଃ ଦେବାଶିଷ ମାରାଣ୍ଡି ଓ ସମ୍ମାନିତ ଅତିଥି ଭାବେ ରାଇରଙ୍ଗପୁର ଟେକନୋୱାର୍ଲ୍ଡ ଆବାସିକ ମହାବିଦ୍ୟାଳୟର ନିର୍ଦ୍ଦେଶକ ଇଂ. ଉମାକାନ୍ତ ମହାନ୍ତ, ସରପଞ୍ଚ ଲକ୍ଷ୍ମଣ ହାଁସଦା ଯୋଗଦେଇଥିଲେ। ଏହି ଅବସରରେ ଛାତ୍ରଛାତ୍ରୀ ଓ ମହିଳାମାନଙ୍କ ମଧ୍ୟରେ ବିଭିନ୍ନ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ସଂଧ୍ୟାରେ ଚିତ୍ତାକର୍ଷକ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ନୃତ୍ୟାଙ୍ଗନା ତାରିଣୀ ପଣ୍ଡା, ଶିକ୍ଷା ସିହ୍ନା, ଚିନ୍ମୟୀ ମହାନ୍ତ, ଅକ୍ଷତା ସାହୁ ଏକକ ନୃତ୍ୟ, ଟେକ୍‌ନୋୱାର୍ଲ୍ଡ ଛାତ୍ରୀ, ଜାରିଡାଣ୍ଡି ହାଇସ୍କୁଲର ଛାତ୍ରୀ ନୃତ୍ୟ ପରିବେଷଣ କରିଥିଲେ। ବିଭିନ୍ନ ପ୍ରତିଯୋଗିତାରେ କୃତିତ୍ୱ ଲାଭ କରିଥିବା ପ୍ରତିଯୋଗୀଙ୍କୁ ଅତିଥିମାନେ ପୁରସ୍କୃତ କରିଥିଲେ।




ଆର୍ଯ୍ୟଶଙ୍କର ପାଣିଗ୍ରାହୀ, ଆଶିଷ ସାହୁ, ଚନ୍ଦ୍ରଶେଖର ଦାସ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ମହୋତ୍ସବ କମିଟିର ବରିଷ୍ଠ ସଭ୍ୟ ସତ୍ୟ ନାରାୟଣ ଦୀକ୍ଷିତ, ନେପାଳ ଚନ୍ଦ୍ର ସାହୁ, ସଚ୍ଚିଦାନନ୍ଦ ଦାଶ, ଅମୀୟ କୁମାର ଦାଶ, ଅନୁପ ପାଣିଗ୍ରାହୀ, ବିଶ୍ୱଜିତ ଦତ୍ତ, ପଙ୍କଜ ରାଉତ, ରାହୁଲ ଯାଦବ, ସରୋଜ ଦତ୍ତ, ହେମନ୍ତ ଦତ୍ତ, ପ୍ରମୁଖ ପରିଚାଳନାରେ ସହଯୋଗ କରିଥିଲେ। ପ୍ରଥମ ଥର ପାଇଁ ଆୟୋଜିତ ଏହି ଲୋକ ଉତ୍ସବ ସମଗ୍ର ଅଞ୍ଚଳରେ ଖୁବ ଆଦୃତ ଲାଭ କରିଛି। ଏହି ଉତ୍ସବକୁ ଗତ ୩ଦିନ ଧରି ଦର୍ଶକମାନ ଖୁବ ମନଭରି ଉପଭୋଗ କରିଥିଲେ।

## ବିଶ୍ୱ ଓଡ଼ିଆ ଭାଷା ସାହିତ୍ୟ ସମ୍ମିଳନୀ ଉଦ୍‌ଘାଟିତ

କରଞ୍ଜିଆ, ୨୮।୧(ସମିସ): କାଦଡିହା ରଘୁନାଥ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ବିଶ୍ୱ ଓଡ଼ିଆ ଭାଷା ସମ୍ମିଳନୀର ଆୟୋଜନ ଓ ଶ୍ରୀ ଜଗନ୍ନାଥ ସଂସ୍କୃତିର ପ୍ରଚାର ପ୍ରସାର ପରିପ୍ରେକ୍ଷୀରେ ନୂଆ-ଓ ଯୋଜନା ଆନୁକୂଲ୍ୟରେ ବିଭିନ୍ନ ପ୍ରତିଯୋଗିତା ଉଦଘାଟିତ ହୋଇଯାଇଛି। ଏହି ଅବସରରେ ବିଭିନ୍ନ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ଅଧ୍ୟକ୍ଷା ଡକ୍ଟର ଜ୍ୟୋତିର୍ମୟୀ ତ୍ରିପାଠୀ କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିଥିଲେ। ମୁଖ୍ୟଅତିଥିରୂପେ ଅତିରିକ୍ତ ଗୋଷ୍ଠୀ ଶିକ୍ଷାଧିକାରୀ ବିପିନ ବିହାରୀ ବାରିକ, ମୁଖ୍ୟବକ୍ତା ଭାବେ ଦେଓ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ, ତାଟର ଓଡ଼ିଆ ଅଧ୍ୟାପକ ରବୀନ୍ଦ୍ର ନାଥ ମହାନ୍ତ ଓ ସମ୍ମାନିତ ଅତିଥିଭାବେ ସାମ୍ବାଦିକ କର୍ଣ୍ଣାର୍ଜୁନ ସାହା ପ୍ରମୁଖ ଯୋଗ ଦେଇ ଓଡ଼ିଆ ଭାଷାର ଉନ୍ନତି ଓ ଶୁଦ୍ଧତା ବିଷୟ ଉପରେ ଗୁରୁତ୍ୱାରୋପ କରିଥିଲେ। ଅଧ୍ୟାପକ ଜନ୍ମେଜୟ ଶତପଥୀ ଧନ୍ୟବାଦ ଅର୍ପଣ କରିଥିଲେ।

## ଜନରାଜ୍ୟ ଦିବସରେ ଭଲିବଲ ମ୍ୟାଚ



ବାରିପଦା, ୨୮।୧(ସମିସ): ପୁଲିସ ପରେଡ ପଡ଼ିଆରେ ସାଧାରଣତନ୍ତ୍ର ଦିବସ ପାଳନ ଅବସରରେ ମା' କୀଚକେଶ୍ୱରୀ ଭଲିବଲ ଏକାଡେମୀ ଆନୁକୂଲ୍ୟରେ ତଥା ଆରଆଇ, ପୁଲିସ କବି ରଞ୍ଜନ ସେଠୀଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଏକ ବନ୍ଧୁତ୍ୱପୂର୍ଣ୍ଣ ଭଲିବଲ ଟୁର୍ଣ୍ଣାମେଣ୍ଟ ଅନୁଷ୍ଠିତ ହୋଇଯାଇଛି। ଏଥିରେ ୬ଟି ଦଳ ଅଂଶ ଗ୍ରହଣ କରିଥିଲେ। ଫାଇନାଲ ମ୍ୟାଚରେ ପୁଲିସ ଟିମ ମା' କୀଚକେଶ୍ୱରୀ ଟିମକୁ ୩-୨ ସେଟରେ ପରାସ୍ତ କରି ଚାମ୍ପିଅନ ହୋଇଥିଲା। ଶ୍ରେଷ୍ଠ ଖେଳାଳି ଭାବେ ଅନିଲ କୁମାର ଧଳ, ଦେବାଶିଷ ସେଠୀ ଓ ସତ୍ୟଜିତ ବାରିକ ପୁରସ୍କୃତ ହୋଇଥିଲେ। ଅତିଥି ଭାବେ ମୟୂରଭଞ୍ଜ ଆଥଲେଟିକ ଆସୋସିଏସନର ସାଧାରଣ ସମ୍ପାଦକ ବିଜୟ କୁମାର ଦାସ, ସହ ସମ୍ପାଦକ ଅମ୍ବିକା ରାଉତ, ପାର୍ଥ ସାରଥୀ ସ୍ୱାଇଁ, ଜିଲ୍ଲା କ୍ରୀଡା ଅଧିକାରୀ ଅବନୀ ମୋହନ ମହାନ୍ତି, ସାର୍ଜନ ବିଜୟ କୁମାର ସାହୁ, ପୂର୍ବତନ ଜିଲ୍ଲା କ୍ରୀଡା ଅଧିକାରୀ ପ୍ରଦୀପ କୁମାର ବେହେରା ପ୍ରମୁଖ ଯୋଗଦେଇ ପୁରସ୍କାର ବିତରଣ କରିଥିଲେ। ସମ୍ମାନିତ ଅତିଥି ଭାବେ ପୁଲିସ ସଙ୍ଘ ସମ୍ପାଦକ ସ୍ୱରାଜ କୁମାର ରାଜ, କୈଳାଶ ବେହେରା, ପତି ମହାନ୍ତ, ନାରାୟଣ ପୋଦାର, ଭାନୁପ୍ରତାପ ଭଞ୍ଜଦେଓ ପ୍ରମୁଖ ଖେଳାଳିଙ୍କୁ ଉତ୍ସାହିତ କରିଥିଲେ। ଏହି ଅବସରରେ କୁନିକୁନି ପିଲା ମାନଙ୍କ ମଧ୍ୟରେ ଚିତ୍ରାଙ୍କନ, ନୃତ୍ୟ, ବକ୍ତୃତା ଆଦି ପ୍ରତିଯୋଗିତା କରାଯାଇ ପୁରସ୍କୃତ କରାଯାଇଥିଲା।

## କନକ ଦୁର୍ଗା ମନ୍ଦିର କମିଟି ପକ୍ଷରୁ ସମ୍ବର୍ଦ୍ଧନା ସମାରୋହ



କୁଆମରା, ୨୮।୧(ସମିସ): ଗୋପବନ୍ଧୁ ନଗର ବ୍ଲକ ପୁରୁଣା ବାରିପଦା ବଜାର ସ୍ଥିତ ମା' କନକ ଦୁର୍ଗା ମନ୍ଦିର କମିଟି ପକ୍ଷରୁ ସମାଜସେବୀ, ଆଦର୍ଶ ଶିକ୍ଷକ, ଶିକ୍ଷାବିତ୍ ଓ ବିଶିଷ୍ଟ ଭକ୍ତଙ୍କୁ ସମ୍ମାନିତ କରାଯାଇଛି। କମିଟି ସଭାପତି ସଞ୍ଜୀବ କୁମାର ବେହେରା, ସମ୍ପାଦକ ସତ୍ୟରଞ୍ଜନ ବେହେରାଙ୍କ ତତ୍ତ୍ୱାବଧାନରେ ୧୧ ଜଣ ମାନ୍ୟଗଣ୍ୟ ବ୍ୟକ୍ତିଙ୍କୁ ମଧ ମାନପତ୍ର ଓ ଉପଢୌକନ ଦ୍ୱାରା ସମ୍ମାନିତ କରାଯାଇଛି। ସେମାନଙ୍କ ମଧ୍ୟରେ ସାରସ୍ୱତ ଡିଗ୍ରୀ କଲେଜର ଅଧ୍ୟକ୍ଷ ଡଃ ସୁବଳ ଦାସ, ଆଞ୍ଚଳିକ ଡିଗ୍ରୀ ମହାବିଦ୍ୟାଳୟର ଅଧ୍ୟକ୍ଷ ଅନନ୍ତ ପ୍ରସାଦ ବେହେରା, ଖୁଣ୍ଟା ଡିଗ୍ରୀ କଲେଜର ଅଧ୍ୟକ୍ଷ ସରୋଜ ରଞ୍ଜନ ତ୍ରିପାଠୀ, ପଞ୍ଚପଲ୍ଲୀ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ଅଧ୍ୟକ୍ଷ ଗୁଣାକର ଦାସ, ଆଞ୍ଚଳିକ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ଅଧ୍ୟକ୍ଷ ଡଃ ସୁରେନ୍ଦ୍ର ପ୍ରସାଦ ରାଉତ, ସାରସ୍ୱତ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ଅଧ୍ୟକ୍ଷ ବସନ୍ତ କୁମାର ଦାଶ, ଖୁଣ୍ଟା ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ଅଧ୍ୟକ୍ଷ ନନ୍ଦ କିଶୋର ପଟ୍ଟନାୟକ, ଧାନଘେରା ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ଅଧ୍ୟକ୍ଷା ଲକ୍ଷ୍ମୀପ୍ରିୟା ବେହେରା, ସମାଜ ସେବୀ ସୁଲୁମଣୀ ମଢେଇ, ପୁରୁଣା ବାରିପଦା ଆଇଟିଆଇ ଅଧ୍ୟକ୍ଷ ଭବାନୀ ସାହୁ, ହେଲଥ୍ କେୟାରର ଏମ୍‌ଡି ପ୍ରିୟବ୍ରତ ନାୟକ।

## ଲୁହାକାନିରେ ବାର୍ଷିକ କ୍ରୀଡ଼ା ଉତ୍ସବ ଉଦ୍‌ଯାପିତ

ବିଶୋଇ, ୨୮।୧(ସମିସ) : ବିଶୋଇ ବ୍ଲକ ଅନ୍ତର୍ଗତ ଲୁହାକାନିରେ ଏଲ୍.ସି.ସି କ୍ଲବ ପକ୍ଷରୁ ୨୦ତମ ବାର୍ଷିକ କ୍ରୀଡ଼ା ଓ ସାଂସ୍କୃତିକ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ବିଭିନ୍ନ କ୍ରୀଡା ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ମହିଳାଙ୍କ ଚପଲ ଖୋଜା ଖେଳ ବେଶ୍ ଆକର୍ଷଣୀୟ ଥିଲା। ସେହିପରି ଚାଙ୍ଗୁ ନାଚ, ଭାଲୁ ନାଚ ଓ ଡିସ୍କୋ ନାଚ ପରିବେଷଣ ହୋଇଥିଲା। ଡଃ ହରେକୃଷ୍ଣ ମହତାବ ଉଚ୍ଚ ବିଦ୍ୟାଳୟର ଶିକ୍ଷକ ସୁଧୀର ଗିରି ଉତ୍ସବକୁ ଉଦଘାଟନ କରିଥିଲେ। ଅନୁଷ୍ଠିତ ପୁରସ୍କାର ବିତରଣ ଉତ୍ସବରେ ମୁଖ୍ୟ ଅତିଥି ଭାବେ ବ୍ଲକ ଅଧ୍ୟକ୍ଷା ତୁଳସୀ ସିକ୍ରି ହାଁସଦା ଓ ମୁଖ୍ୟବକ୍ତା ଭାବେ ଜିଲ୍ଲା ପରିଷଦ ସଦସ୍ୟା ବିନ୍ଦୁସ୍ମିତା ଦେଓ ଯୋଗଦେଇ ଗ୍ରାମାଞ୍ଚଳର ଲୁକ୍କାୟିତ ପ୍ରତିଭା ବିକାଶରେ ଉତ୍ସବ ଏକ ମାଧ୍ୟମ ବୋଲି କହିଥିଲେ। ସମ୍ମାନିତ ଅତିଥି ଭାବେ ଲୁହାକାନୀ ପଞ୍ଚାୟତ ସରପଞ୍ଚ ସାଲମା ଟୁଡୁ, ସମିତିସଭ୍ୟ ଦିଲ୍ଲୀପ ଗିରି, ଲୁହାକାନୀ ସରକାରୀ ଉଚ୍ଚ ବିଦ୍ୟାଳୟର ପ୍ରଧାନଶିକ୍ଷକ ରାଜେନ୍ଦ୍ର କୁମାର ମହାନ୍ତ, ବିଶୋଇ ବ୍ଲକ ବିଜେଡି ଯୁବ ସଭାପତି ସୁନିଲ୍ କୁମାର୍ ମହାପାତ୍ର, ବିଶୋଇ ବ୍ଲକ ସାମ୍ବାଦିକ ଆନୁୱାର ହୁସେନ, ଅମିତ୍ ଦାସ୍, ଭୀମଚରଣ ସର୍ଦ୍ଦାର, ଏମ୍.ଡ଼ି ରାଜା ପ୍ରମୁଖ ଉପସ୍ଥିତ କୃତୀ ପ୍ରତିଯୋଗୀଙ୍କୁ ପୁରସ୍କାର ପ୍ରଦାନ କରିଥିଲେ।

## ଦଳିତ ଆଦିବାସୀ ସଂଘ ପକ୍ଷରୁ କମ୍ବଳ ବଣ୍ଟନ

ଖୁଣ୍ଟା, ୨୮।୧(ସମିସ): ଖୁଣ୍ଟା ବ୍ଲକ ଅଧୀନ ବି.ସି ପୁର ଓ ଧାନଘେରା ପଞ୍ଚାୟତର ବିଭିନ୍ନ ଗ୍ରାମରେ ଦଳିତ ଆଦିବାସୀ ମହାସଂଘ ପକ୍ଷରୁ କମ୍ବଳ ବଣ୍ଟନ କରାଯାଇଛି। ଏହି ଅବସରରେ ଦଳିତ ଆଦିବାସୀ ମହାସଂଘର ସଭାପତି ରାକେଶ ସିଂଙ୍କ ନେତୃତ୍ୱରେ ଅନ୍ୟ ସଦସ୍ୟମାନେ ଉପସ୍ଥିତ ରହି ଗ୍ରାମବାସୀଙ୍କ ବିଭିନ୍ନ ସୁବିଧା ଅସୁବିଧା ସମ୍ପର୍କରେ ଆଲୋଚନା କରିବା ସହିତ ନିଶା ସେବନ ଓ ଅନ୍ଧବିଶ୍ୱାସର ବଶବର୍ତ୍ତୀ ନ ହେବାକୁ ସଚେତନ କରାଇଥିଲେ। ସଂଘ ପକ୍ଷରୁ ୩୦୦ରୁ ଊର୍ଦ୍ଧ୍ୱ କମ୍ବଳ ବଣ୍ଟନ କରାଯାଇଯାଇଥିବା ସଂଘର ସଭାପତି ଶ୍ରୀ ସିଂ ପ୍ରକାଶ କରିଛନ୍ତି।

## ବେତନଟୀ ଆଇନଜୀବୀ ସଂଗଠନର ବାର୍ଷିକ ଉତ୍ସବ

ବେତନଟୀ, ୨୮।୧(ସମିସ):ଜନରାଜ୍ୟ ଦିବସ ଅବସରରେ ବେତନଟୀ ଆଇନଜୀବୀ ସଂଘର ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଶତାଧିକ ଆଇନ୍‌ଜୀବୀ, ବୁଦ୍ଧିଜୀବୀ, ସାମ୍ବାଦିକ ଉପସ୍ଥିତ ଥିଲେ। ଓଡ଼ିଶା ଉଚ୍ଚନ୍ୟାୟାଳୟର ବିଚାରପତି ଜଷ୍ଟିସ ଆଦିତ୍ୟ କୁମାର ମହାପାତ୍ର ଉତ୍ସବକୁ ଉଦ୍‌ଘାଟନ କରିଥିଲେ। ସଭାରେ ବରିଷ୍ଠ ଆଇନଜୀବୀ ହିମାଂଶୁ କୁମାର ପରିଡ଼ା ସଭାପତିତ୍ୱ କରଥିଲେ। ମୁଖ୍ୟବକ୍ତା ଭାବେ ରାଜ୍ୟବାର କାଉନ୍‌ସିଲ ସଭ୍ୟ ବିଭୁପ୍ରସାଦ ତ୍ରିପାଠୀ ଓ ସମ୍ମାନିତ ଅତିଥିଭାବେ ବାରିପଦା ବାରର ସଭାପତି ପ୍ରଦୀପ କୁମାର ରଥ ମଞ୍ଚାସୀନ ଥିଲେ। ବେତନଟୀ ବାରର ପୂର୍ବତନ ସଭାପତି ସ୍ୱର୍ଗତ ଅରୁପ କୁମାର ଘୋଷଙ୍କ ନିକଟରେ ନିଧନ ଯୋଗୁଁ ଏକ ମିନିଟ ସମୂହ ନୀରବ ପ୍ରାର୍ଥନା କରାଯାଇଥିଲା। ଉତ୍ସବରେ ଆଇନଜୀବୀ ସଂହିତା ଦାସ ଓ ରୂପଶ୍ରୀ ବାରିକ, ବରିଷ୍ଠ ଆଇନଜୀବୀ କ୍ଷେତ୍ରମୋହନ ପଣ୍ଡା, ବେତନଟୀ ବାରର କୋଷାଧ୍ୟକ୍ଷ ରଣଜିତ୍ ଗନ୍ତାୟତଙ୍କ ସମେତ ବହୁ ଆଇନଜୀବୀ ଉପସ୍ଥିତ ଥିଲେ। ଶେଷରେ ବାରର ଯୁଗ୍ମ ସମ୍ପାଦକ ଅର୍ଣ୍ଣବକୁମାର ଘୋଷ ଧନ୍ୟବାଦ ଅର୍ପଣ କରିଥିଲେ।

## 'ନୂଆ-ଓ' ଓଡ଼ିଆ ଭାଷା ସମ୍ମିଳନୀ ଉଦ୍‌ଯାପିତ




ଉଦଳା, ୨୮।୧(ସମିସ): ମୟୂରଭଞ୍ଜ ଜିଲ୍ଲା ଲୋଇପା ଡିଗ୍ରୀ କଲେଜରେ 'ନୂଆ-ଓ' ଅଧୀନରେ ଓଡ଼ିଆ ଭାଷା ସମ୍ମିଳନୀ କାର୍ଯ୍ୟକ୍ରମ କଲେଜ ଅଧ୍ୟକ୍ଷ ଗୌରାଙ୍ଗ ଚନ୍ଦ୍ର ମହାପାତ୍ରଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଛି। ମୁଖ୍ୟବକ୍ତା ଭାବେ ଓଡ଼ିଆ ଭାଷା ସମ୍ମିଳନୀର ନୋଡାଲ ଅଫିସର କାର୍ତ୍ତିକ କୁମାର ଆଚାର୍ଯ୍ୟ, ସମ୍ମାନିତ ଅତିଥିଭାବେ ଅଧ୍ୟାପକ ଦୀପ୍ତିମାନ ଦେ ଏବଂ ସମ୍ମାନିତ ଅତିଥି ସୁବାସ କୁମାର ନାୟକ, ଅଧ୍ୟାପିକା ଭାରତୀ ଗିରି ଓ ଗୀତିକା ଜେନା ପ୍ରମୁଖ ଉପସ୍ଥିତ ରହି ଛାତ୍ରଛାତ୍ରୀଙ୍କୁ ଓଡ଼ିଆ ବାଷା ଓ ଜଗନ୍ନାଥ ସଂସ୍କୃତି ବିଷୟରେ ଉଦ୍‌ବୋଧନ ଦେଇଥିଲେ। ଏହି କାର୍ଯ୍ୟକ୍ରମ ଅଧୀନରେ ବିଭିନ୍ନ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ସମୀର କୁମାର ନାୟକ ଅତିଥି ପରିଚୟ ଓ ସୁଭଶ୍ରୀ ବେହେରା ଧନ୍ୟବାଦ ଅର୍ପଣ କରିଥିଲେ।

## ବାର୍ଷିକ କ୍ରିକେଟ୍ ଟୁର୍ଣ୍ଣାମେଣ୍ଟ; ଭଗାବନ୍ଧ ଚାମ୍ପିଅନ

ଝରାଡିହି, ୨୮।୧(ସମିସ): ବହଳଦା ବ୍ଲକ ଯଶିପୁର ପଞ୍ଚାୟତ ଝରାଡିହି ଗୋଷ୍ଠୀ ସ୍ୱାସ୍ଥ କେନ୍ଦ୍ର ନିକଟ ଜାନକୀ ପଡ଼ିଆରେ ଗତ ୨୧ରୁ ୨୬ ତାରିଖ ଯାଏ ୧୨ତମ କ୍ରିକେଟ ଟୁର୍ଣ୍ଣାମେଣ୍ଟ ପ୍ରତିଯୋଗିତା ଅନୁଷ୍ଠିତ



ହୋଇଯାଇଛି। ଏଥିରେ ୧୨ଟି ଦଳ ଅଂଶଗ୍ରହଣ କରିଥିଲେ। ନିର୍ଦ୍ଧାରିତ ୮ ଓଭର ଫାଇନାଲ ଖେଳ ଲିଟିଲ ଏକ୍ସ ଆଇ ଝରାଡିହି ସହିତ ନିଖିଲ ଏକ୍ସ ଆଇ ଭଗାବନ୍ଧ ମଧ୍ୟରେ ଅନୁଷ୍ଠିତ ହୋଇଥିଲା। ପ୍ରଥମେ ଲିଟିଲ ଏକ୍ସ ଆଇ ବ୍ୟାଟିଂ କରି ୭ ଓଭରରେ ଅଲଆଉଟ ହୋଇ ୫୯ ରନ ସଂଗ୍ରହ କରିଥିଲେ। ପରେ ନିଖିଲ ଏକ୍ସ ଆଇ ଭଗାବନ୍ଧ ଟିମ ୨.୨ ଓଭରରେ ଟାର୍ଗେଟ ପୂରଣ କରି ଚାମ୍ପିଅନ ହୋଇଛି। ମନ୍ନୁଙ୍କୁ ମ୍ୟାନ ଅଫ୍ ଦି ମ୍ୟାଚ ଭାବେ ବିବେଚିତ କରାଯାଇଥିଲା। ପୁରସ୍କାର ବଣ୍ଟନ ଉତ୍ସବ ଆନନ୍ଦ ସିଂଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଥିଲା। ମୁଖ୍ୟଅତିଥି ରୂପେ ମୟୂରଭଞ୍ଜ ଜିଲ୍ଲା-୨ ବିଜେଡି ଭାଇସ ପ୍ରେସିଡେଣ୍ଟ ସୁବାସ ମଣ୍ଡଳ, ମୁଖ୍ୟବକ୍ତା ଭାବେ ବିଜେପି ମୟୂରଭଞ୍ଜ ଜିଲ୍ଲା ଭାଇସ ପ୍ରେସିଡେଣ୍ଟ ହରମୋହନ ବେହେରା ଉପସ୍ଥିତ ଥିଲେ। ସେହିପରି ସମ୍ମାନିତ ଅତିଥି ଭାବେ ପୂର୍ବତନ ପୁଲିସ କର୍ମଚାରୀ ମନମୋହନ ବେହେରା, ବଳଭଦ୍ର ବେହେରା, ଭୀମ ହେମ୍ବ୍ରମ, ଅଞ୍ଜନ ବେହେରା ପ୍ରମୁଖ ଉପସ୍ଥିତ ରହି ପୁରସ୍କାର ବଣ୍ଟନ କରିଥିଲେ। ଶିକ୍ଷକ ସୁବ୍ରତ ପଳେଇ ଧନ୍ୟବାଦ ଦେଇଥିଲେ।

## ତ୍ରି-ଦିବସୀୟ ୯ କୁଣ୍ଡୀୟ ଗାୟତ୍ରୀ ମହାଯଜ୍ଞ ଆରମ୍ଭ

ମହୁଲଡିହା/ଠାକୁରମୁଣ୍ଡା, ୨୮।୧ (ସମିସ : ଠାକୁରମୁଣ୍ଡା ଗାୟତ୍ରୀ ପରିବାର ତରଫରୁ ୩ ଦିନିଆ ଗାୟତ୍ରୀ ମହାଯଜ୍ଞ ଆରମ୍ଭ ହୋଇଛି। ଠାକୁରମୁଣ୍ଡା ପଞ୍ଚାୟତ ସମ୍ମୁଖ ଯଜ୍ଞସ୍ଥଳରେ ସକାଳ ସାଢେ ୧୦ଟାରେ ଗୀତାରାଣୀ ମହାପାତ୍ର ମୁଖ୍ୟ ଅତିଥି ଏବଂ ବିଶିଷ୍ଟ ସମ୍ମାନିତ ଅତିଥି ଭାବେ ବସନ୍ତ କୁମାର ପଇବର୍ତ୍ତୀ ଯୋଗଦେଇ ଆଧାମ୍ରିକ ପତାକା ଉତ୍ତୋଳନ କରିଥିଲେ। ପରେ ଲକ୍ଷ୍ମୀନାରାୟଣ ମନ୍ଦିର ନିକଟରୁ ୧୦୮ କଳସ ଯାତ୍ରାରେ ମହିଳାମାନେ ମଙ୍ଗଳ କଳସ ଆଣିଥିଲେ। ପୂର୍ବାହ୍ନ ୧୨ଟା ସମୟରେ ମହିଳା ଜାଗରଣ ଓ ଗୋଷ୍ଠୀ ଆଲୋଚନା କରାଯାଇଥିଲା। ପ୍ରମୁଖପ୍ରବଚକ ହେମନ୍ତକୁମାର ପଣ୍ଡା, ଏମ୍‌ଭାଗୀରଥି ଦୋରା, ଶକ୍ତିକୁମାର ପଣ୍ଡା, ପଦ୍ମଲୋଚନ ସାମଲ, ଶାନ୍ତିଲତା ଦୀକ୍ଷିତ, ସୁବାସ ଚୌହାନ, ସରୋଜ କୁମାର ପ୍ରଧାନ ପ୍ରମୁଖଙ୍କ କାର୍ଯ୍ୟକ୍ରମ ରହିଛି। ସେହିପରି ୨୮ ତାରିଖ ସକାଳେ ନବକୁଣ୍ଡୀୟ ଗାୟତ୍ରୀ



ମହାଯଜ୍ଞ ଆରମ୍ଭ ହୋଇ ଅନ୍ୟାନ୍ୟ ନିୟମିତ ପ୍ରବଚନ କାର୍ଯ୍ୟକ୍ରମ ରହିଛି। ୨୯ ତାରିଖରେ ଯଜ୍ଞ ଓ ବିବିଧ ସଂସ୍କାର କାର୍ଯ୍ୟକ୍ରମ ପୂର୍ଣ୍ଣାହୁତି ହେବ।

## ବକ୍ତୃତା ଓ ଗୀତ ପ୍ରତିଯୋଗିତା

ଝରାଡିହି, ୨୮।୧(ସମିସ): ବହଳଦା ବ୍ଲକ ଯଶିପୁର ପଞ୍ଚାୟତ ପରିସରରେ ୭୫ତମ ବାର୍ଷିକ ସାଧାରଣତନ୍ତ୍ର ଦିବସ ଉପଲକ୍ଷେ ଏକ ବକ୍ତୃତା ଓ ଗୀତ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ଏଥିରେ ୩୧ ଜଣ ଛାତ୍ରଛାତ୍ରୀ ଭାଗ ନେଇଥିଲେ। ପୁରସ୍କାର ବଣ୍ଟନ ଉତ୍ସବରେ ଯଶିପୁର ପଞ୍ଚାୟତ ସରପଞ୍ଚ କାଶୁ ମାଝି ସଭାପତିତ୍ୱ କରିଥିଲେ। ମୁଖ୍ୟ ଅତିଥି ଭାବେ ମଙ୍ଗଳ ଉଚ୍ଚ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ରଣଜିତ ବାରିକ, ମୁଖ୍ୟ ବ୍ୟକ୍ତା ଭାବେ ମୟୂରଭଞ୍ଜ ଜିଲ୍ଲା ଭାଇସ ପ୍ରେସିଡେଣ୍ଟ ବିଜେପି ହରମୋହନ ବେହେରା, ସମ୍ମାନିତ ଅତିଥିଭାବେ କୁଦରସାହି ଉପ୍ରା ବିଦ୍ୟାଳୟର ପ୍ରଧାନ ଶିକ୍ଷକ ଗୁଣଧର ବେହେରା, ବୀରେନ୍ଦ୍ର ଦଳେଇ, ବାବୁଲାଲ ପାତ୍ର, ତପନ ବାରିକ ପ୍ରମୁଖ ଉପସ୍ଥିତ ଥିଲେ।

## ସହରାଞ୍ଚଳ ସଚେତନତା ଶିବିର

ବାରିପଦା, ୨୮।୧(ସମିସ): ଆମ ଓଡ଼ିଶା ନବୀନ ଓଡ଼ିଶା (ସହରୀ) ଏକ ଅଭିନବ ସଚେତନତା ଶିବିର ବାରିପଦା ପୌରପାଳିକା ତରଫରୁ ଅନୁଷ୍ଠିତ ହୋଇଯାଇଛି। ଏହି ଶିବିରରେ ସହରାଞ୍ଚଳର ବିକାଶ, ରାଜ୍ୟ ସରକାର ସଂକଳ୍ପ ହୋଇଥିବା ବିଭିନ୍ନ ଯୋଜନା ଡିଜିଟାଲ ମାଧ୍ୟମରେ ପର୍ଯ୍ୟବେକ୍ଷଣ କରାଗଲା। ଆମ ଓଡ଼ିଶା ନବୀନ ଓଡ଼ିଶା (ସହରୀ) ପରିଚାଳନା କାର୍ଯ୍ୟ ଠିକ ଏବଂ ଦକ୍ଷତାର ସହ ପରିଚାଳନା କରିବା ନିମନ୍ତେ, ସରକାର କାର୍ଯ୍ୟରେ ସମ୍ପୃକ୍ତ ଥିବା ସମସ୍ତ ଅଧିକାରୀ, ନିର୍ବାଚିତ ଲୋକ ପ୍ରତିନିଧି ଏବଂ କାର୍ଯ୍ୟକର୍ତ୍ତା ଉପସ୍ଥିତ ରହି କାର୍ଯ୍ୟକ୍ରମ ଆରମ୍ଭ କରିଥିଲେ। ଏଥି ନିମନ୍ତେ ବିଭିନ୍ନ ବିଭାଗର ଅଧିକାରୀ ଉପସ୍ଥିତ ରହି ୫ଟି ଷ୍ଟଲ୍ କରାଯାଇ ଜନ ସାଧାରଣ ଅବଗତ କରାଯାଉଥିଲା। ଏହା ଆସନ୍ତା ୩୧ ଜାନୁଆରୀ ପର୍ଯ୍ୟନ୍ତ ଚାଲୁ ରହିବ। ବାରିପଦା ପୌରପାଳିକାର ଗୋଶାଳା ପଡ଼ିଆରେ ୧୪, ୨୦, ୨୩, ୨୪ ଓ ୨୭ ୱାର୍ଡବାସୀ ଏବଂ କାଉନସିଲରଙ୍କୁ ନେଇ ଏକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି। କାର୍ଯ୍ୟକ୍ରମରେ ନଗରପାଳ କୃଷ୍ଣାନନ୍ଦ ମହାନ୍ତି, ଉପନଗରପାଳ ସୀମା ଦାସ, ୱାର୍ଡ କାଉନସିଲର ବିବେକାନନ୍ଦ ନାୟକ, ଜଗବନ୍ଧୁ ମୁଖି, ଅନନ୍ତ କୁମାର ଦାସ, ତ୍ରୈଲୋକେଶ ପଣ୍ଡା ଓ ଶିବ ଶଙ୍କର ପାତ୍ର ପ୍ରମୁଖ ଉପସ୍ଥିତ ରହି 'ଆମ ଓଡ଼ିଶା ନବୀନ ଓଡ଼ିଶା(ସହରୀ)' ସମ୍ପର୍କିତ ସଚେତନତା ଶିବିର ସମ୍ପର୍କରେ ମତପ୍ରକାଶ କରିଥିଲେ।

## ନିସ୍କିଞ୍ଚନ ମହାରାଜଙ୍କ ପରଲୋକ

କୁଆମରା, ୨୮।୧(ସମିସ): ବୈଷ୍ଣବ ଧର୍ମର ମହାରାଜ ଭକ୍ତି ରଞ୍ଜନ ନିସ୍କିଞ୍ଚନ (୮୭)ଙ୍କ ୨୫ ତାରିଖ ରାତିରେ ପରଲୋକ ହୋଇଯାଇଛି। ବାଲ୍ୟ ଅବସ୍ଥାରୁ ସେ ବୈଷ୍ଣବ ଧର୍ମ ଦୀକ୍ଷା ନେବା ପରେ ପ୍ରଚାରକ ସାଜିଥିଲେ। ଯୁବା ଅବସ୍ଥାରୁ ପ୍ରଚାରକରୁ ମହାରାଜ ଉପାଧିରେ ଭୂଷିତ ହୋଇଥିଲେ। ସେ ବୟସର ଅଧା ସମୟ ବୃନ୍ଦାବନରେ ରହି ନିଜ ଅଞ୍ଚଳକୁ ଫେରିବା ପରେ ମୟୂରଭଞ୍ଜ ଓ ବାଲେଶ୍ୱରରେ ଥିବା ବିଭିନ୍ନ ମଠରେ ଧର୍ମ ପ୍ରଚାରକ ଭାବେ କାର୍ଯ୍ୟ କରୁଥିଲେ। ତାଙ୍କର ପ୍ରକୃତ ଜନ୍ମ ସ୍ଥାନ ମୟୂରଭଞ୍ଜ ଜିଲ୍ଲା ବୈଶିଙ୍ଗା ହୋଇଥିବା ବେଳେ ସେ ଦୀର୍ଘ ୪ ବର୍ଷ ଧରି ଗୋପବନ୍ଧୁ ନଗର ବ୍ଲକ ଚିଲିମା ଗ୍ରାମ ଗୌଡ ସାରସ୍ୱତ ମଧୁସୂଦନ ଆଶ୍ରମରେ ରହୁଥିଲେ। କିଛି ଦିନ ଧରି ବାର୍ଦ୍ଧକ୍ୟ ଜନିତ ଅସୁସ୍ଥତାରେ ପୀଡିତ ଥିଲେ। ତେବେ ଗତକାଲି ରାତିରେ ତାଙ୍କର ପରଲୋକ ହୋଇଯାଇଛି। ପରେ ତାଙ୍କୁ ଆଶ୍ରମ ପରିସରରେ ସମାଧି ଦିଆ ଯାଇଛି।

## ଲକ୍ଷ୍ମୀକାନ୍ତ ଉଚ୍ଚମାଧ୍ୟମିକ ବିଦ୍ୟାଳୟରେ ଆତ୍ମରକ୍ଷା ଶିବିର

ବାଙ୍ଗିରିପୋଷି, ୨୮।୧(ସମିସ): ଲକ୍ଷ୍ମୀକାନ୍ତ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ରାଜ୍ୟ ଯୁବନୀତି ଯୋଜନା ମାଧ୍ୟମରେ ଛାତ୍ରୀ ଆତ୍ମସୁରକ୍ଷା ଏକ ତାଲିମ ଶିବିର ଅଧ୍ୟକ୍ଷା ଡ.ପୁଷ୍ପା ପାତ୍ରଙ୍କ ପୌରୋହିତ୍ୟରେ ଉଦଘାଟିତ ହୋଇଯାଇଛି। ଆତ୍ମନିର୍ଭରଶୀଳ ହୋଇ ଶତ୍ରୁର ମୁକାବିଲା ସାହସର ସହିତ କରିପାରିବା ପାଇଁ ଏହି ଶିବିରରେ ୧୩୫ ଜଣ ଛାତ୍ରୀଙ୍କୁ ମାଷ୍ଟର ଟ୍ରେନର ମାଳତୀ ନାଏକ ଓ ଅନୁଶ୍ରୀ ଦତ୍ତ ତାଲିମ ଦେବେ। ଏହା ଆସନ୍ତା ୩୦ ତାରିଖ ପର୍ଯ୍ୟନ୍ତ ଚାଲୁ ରହିବ।

# ବ୍ଲକସ୍ତରୀୟ ଜନଜାତି କ୍ରୀଡ଼ା ଉତ୍ସବ ଉଦ୍‌ଯାପିତ

କରଞ୍ଜିଆ, ୨୮।୧(ସମିସ): ମୟୂରଭଞ୍ଜ ଜିଲ୍ଲା ସ୍ୱତନ୍ତ୍ର ଉନ୍ନୟନ ପରିଷଦ ଆନୁକୂଲ୍ୟରେ କରଞ୍ଜିଆ ଉଚ୍ଚ ବିଦ୍ୟାଳୟରେ ଚାଲିଥିବା ବ୍ଲକସ୍ତରୀୟ ଜନଜାତି କ୍ରୀଡା ଉତ୍ସବ ଶୁକ୍ରବାର ଉଦଯାପିତ ହୋଇଯାଇଛି। ଉଦ୍‌ଯାପନୀ ଉତ୍ସବରେ ମୁଖ୍ୟ ଅତିଥିଭାବେ ମହିଳା ଶିଶୁ ବିକାଶ ଏବଂ ମିଶନ ଶକ୍ତି ମନ୍ତ୍ରୀ ବାସନ୍ତୀ ହେମ୍ବ୍ରମ ଯୋଗ ଦେଇ କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରିଥିଲେ। ଅନ୍ୟତମ ଅତିଥିଭାବେ କରଞ୍ଜିଆ ବ୍ଲକ ଅଧ୍ୟକ୍ଷା ଶୁଭଦ୍ରା ମାରାଣ୍ଡି, ଉପାଧ୍ୟକ୍ଷ ଛତିଶ ଚନ୍ଦ୍ର ମହାନ୍ତ, ଜିଲ୍ଲା ପରିଷଦ ସଭ୍ୟା ଜ୍ୟୋସ୍ନାରାଣୀ ନାଏକ, ଏସଡିସି ସଦସ୍ୟା ସୁକାନ୍ତୀ ନାୟକ ପ୍ରମୁଖ ଯୋଗଦେଇଥିଲେ। ଏହି ଅବସରରେ ୧୦୦ ମିଟର ଦୌଡ଼, ୨୦୦ ମିଟର ଦୌଡ଼, ଲଙ୍ଗ ଜମ୍ପ, ଏବଂ ଫୁଟବଲ ଖେଳ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ଫୁଟବଲ ଫାଇନାଲ ଖେଳ ରଣମତଳା ପଞ୍ଚାୟତ ବନାମ ବଡ଼ଦେଉଳି ପଞ୍ଚାୟତ ମଧ୍ୟରେ ଅନୁଷ୍ଠିତ ହୋଇଥିଲା। ଏଥିରେ ରସମତଳା ଚାମ୍ପିୟନ ହୋଇ ମୁଖ୍ୟ ଅତିଥିଙ୍କଠାରୁ ଟ୍ରଫି ଓ ନଗଦ ୫ ହଜାର ଟଙ୍କା ଗ୍ରହଣ କରିଥିଲେ। ବଡ଼ଦେଉଳି ପଞ୍ଚାୟତ ଉପବିଜେତା ଦଳକୁ ଟ୍ରଫି





ପ୍ରଦାନ କରିଥିଲେ। ଉଦଘାଟନ ଉତ୍ସବରେ ଅତିଥିଭାବେ କରଞ୍ଜିଆ ଏନଏସି ଅଧ୍ୟକ୍ଷା ପପି ପୃଷ୍ଟି, ବ୍ଲକ ଅଧ୍ୟକ୍ଷା ସୁଭଦ୍ରା ମାରାଣ୍ଡି, ଉପାଧ୍ୟକ୍ଷ ଛତିଶ ଚନ୍ଦ୍ର ମହାନ୍ତ, ଏସଡିସି ସଦସ୍ୟା ସୁକାନ୍ତୀ ଜିଲ୍ଲା ପରିଷଦ ସଦସ୍ୟା ଜ୍ୟୋସ୍ନାରାଣୀ ନାୟକ ପ୍ରମୁଖ ଉପସ୍ଥିତ ଥିଲେ। ବିଡିଓ ସୁଶାନ୍ତ ସୂତାର ଯୋଗଦେବା ସହିତ ଶିକ୍ଷକ ଚନ୍ଦନ କୁମାର ପାଣିଗ୍ରାହୀ ଅତିଥି ପରିଚୟ ଦେଇଥିଲେ। ଜିପିଓ ଦେବାଶିଷ ସାହୁ ଧନ୍ୟବାଦ ଦେଇଥିଲେ।

**ଠାକୁରମୁଣ୍ଡା/ମହୁଲଡିହା:** ଠାକୁରମୁଣ୍ଡା ବ୍ଲକରେ ଆରମ୍ଭ ହୋଇଥିବା ଦୁଇ ଦିନିଆ ଜନଜାତି କ୍ରୀଡା ମହୋତ୍ସବ ୨୫ ତାରିଖରେ ଉଦଯାପିତ ହୋଇଯାଇଛି। ସ୍ୱତନ୍ତ୍ର ଉନ୍ନୟନ ପରିଷଦ ଦ୍ୱାରା ପ୍ରାୟୋଜିତ ଏହି କ୍ରୀଡା ଉତ୍ସବରେ ୫୦୦ରୁ ଊର୍ଦ୍ଧ୍ୱ ଖେଳାଳି ଭାଗ ନେଇଥିଲେ। କ୍ରୀଡ଼ାବିତମାନେ ୧୦୦ ମି, ୨୦୦ ମି. ଦୌଡ଼, ଲମ୍ବ ଡିଆଁ ଏବଂ ଫୁଟବଲ ମ୍ୟାଚରେ ଭାଗ ନେଇଥିଲେ। ସେହପରି ୧୮ଟି ଦଳ ମଧ୍ୟ ଫୁଟବଲ ମ୍ୟାଚରେ ଅଂଶଗ୍ରହଣ କରିଥିଲେ। ଚମ୍ପାଝର ପଞ୍ଚାୟତ ଟିମ୍ ଚାମ୍ପିଅନ ଟ୍ରଫି ହାସଲ କରିଥିଲା। ବିଡ଼ିଓ ମନୋଜ କୁମାର କାର୍ଜି ମୁଖ୍ୟ ଅତିଥି ଭାବେ ଯୋଗଦେଇ କାର୍ଯ୍ୟକ୍ରମ ଶୁଭାରମ୍ଭ କରିଥିବାବେଳେ ଉଦଯାପନୀ ଉତ୍ସବରେ ପୁରସ୍କାର ବିତରଣ କରିଥିଲେ। ମଙ୍ଗଳ ସମ୍ପ୍ରସାରଣ ଅଧିକାରୀ ସୁଶାନ୍ତ କୁମାର ସାହୁଙ୍କ ସଞ୍ଚାଳନରେ ଆୟୋଜିତ ଏହି କ୍ରୀଡା ସମାରୋହରେ ସମ୍ମାନିତ ଅତିଥି ଭାବେ ଏବିଡିଓ ଟଙ୍କଧର ମହାନ୍ତ, ସମସ୍ତ ସରପଞ୍ଚ, ସମିତି ସଭ୍ୟ, ସମାଜସେବୀ ପଦ୍ମଲୋଚନ ନନ୍ଦ ପ୍ରମୁଖ ଯୋଗଦେଇ ମାର୍ଗଦର୍ଶନ କରିଥିଲେ।

**ରାଇରଙ୍ଗପୁର:** ଜାମଦା ବ୍ଲକ ନିକଟରେ ଥିବା ଏସ୍‌ଏସ୍ତି ଉଚ୍ଚ ବିଦ୍ୟାଳୟ ଖେଳ ପଡ଼ିଆରେ ସ୍ୱତନ୍ତ୍ର ଉନ୍ନୟନ ପରିଷଦ ମୟୂରଭଞ୍ଜ ପକ୍ଷରୁ ଜନଜାତି କ୍ରୀଡା ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ପ୍ରଥମେ ମୁଖ୍ୟ ଅତିଥି ରାଇରଙ୍ଗପୁର ପିଏଆଇଟିଡ଼ିଏ ପରୀକ୍ଷିତ ଦାଶ ଯୋଗ ଦେବା ପରେ ବିଜେଡ଼ିର ମୟୂରଭଞ୍ଜ ଏସ୍‌ସିବିସି ଦେବାଶିଷ୍ ମାର୍ଣ୍ଡି, ଏଡ଼ିଡବ୍ଲ୍ୟୁଓ, ଜାମଦା ୧୭ ନମ୍ବର ଜିଲ୍ଲା ପରିଷଦ ପୂର୍ଣ୍ଣଚନ୍ଦ୍ର ମାର୍ଣ୍ଡି, ୧୬ନମ୍ବର ଜିଲ୍ଲା ପରିଷଦ ବାବୁଲୁ ଟୁଡୁ, ସମାଜସେବୀ ଦୁର୍ଗାଚରଣ ଟୁଡୁ, ତାଲଗାଁ ସରପଞ୍ଚ, ଜାମଦା ସରପଞ୍ଚ, ଭାଇସ୍ ଚେୟାରମ୍ୟାନ୍ ଦେଇ ପରେଡରେ ଅଭିବାଦନ ଗ୍ରହଣ କରି କ୍ରୀଡା ମଶାଲ ଧରି ଶୁଭ ଉଦଘାଟନ କରିଥିଲେ। ଏହି କାର୍ଯ୍ୟକ୍ରମରେ ଜାମଦା ବ୍ଲକର ୧୦ଟି ପଞ୍ଚାୟତର ବିଭିନ୍ନ ଉଚ୍ଚ ବିଦ୍ୟାଳୟର ଜନଜାତି ବର୍ଗର ଛାତ୍ରଛାତ୍ରୀ ବିଭିନ୍ନ ଖେଳରେ ଭାଗ ନେଇଥିଲେ। ଫୁଟବଲ ଟୁର୍ଣ୍ଣାମେଣ୍ଟରେ ପାସନା ପଞ୍ଚାୟତ ଫୁଟବଲ୍ ଟିମ୍ ପ୍ରଥମ, ଜାରକାଣୀ ପଞ୍ଚାୟତ ଫୁଟବଲ୍ ଟିମ୍ ଦ୍ୱିତୀୟ ସ୍ଥାନ ଅଧିକାର କରି ଜିଲ୍ଲା ସ୍ତରକୁ ମନୋନୀତ ହୋଇଛନ୍ତି। ବିଡ଼ିଓ ଦେବାଶିଷ୍ ପଣ୍ଡାଙ୍କ ଅଧ୍ୟକ୍ଷତାରେ କ୍ରୀଡ଼ା ଉତ୍ସବ ଅନୁଷ୍ଠିତ ହୋଇଥିଲା। ବିଡ଼ିଓ ବିଜୟୀ ପ୍ରତିଯୋଗୀଙ୍କୁ ଧନ୍ୟବାଦ ଅର୍ପଣ କରିବା ସହ ଅତିଥିମାନେ ପୁରସ୍କୃତ କରିଥିଲେ।

**ଜାମଦା:** ମୟୂରଭଞ୍ଜ ଜିଲ୍ଲା ସ୍ୱତନ୍ତ୍ର ଉନ୍ନୟନ ପରିଷଦ ଆନୁକୂଲ୍ୟରେ ଜାମଦା ଉଚ୍ଚ ବିଦ୍ୟାଳୟ ଖେଳ ପଡ଼ିଆରେ ଚାଲିଥିବା ବ୍ଲକସ୍ତରୀୟ ଜନଜାତି କ୍ରୀଡା ଉତ୍ସବ ଉଦଯାପିତ ହୋଇଯାଇଛି। ବ୍ଲକ ଗୋଷ୍ଠୀ ଉ୍ନୟନ ଅଧିକାରୀ ଦେବାଶିଷ ପଣ୍ଡାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ରୂପେ ଆଇଟିଡିଏ ପିଏ ପରୀକ୍ଷିତ ଦାସ, ସମ୍ମାନିତି ଅତିଥି ରୂପେ ଏଡିଡବ୍ଲ୍ୟୁ ଜ୍ଞାନେନ୍ଦ୍ର କୁମାର ସାମଲ, ୧୬ ନଂ ଜିଲ୍ଲା ପରିଷଦ ବାବଲୁ ଟୁଡୁ, ୧୭ ନଂ ଜିଲ୍ଲା ପରିଷଦ ପୂର୍ଣ୍ଣଚନ୍ଦ୍ର ମାର୍ଣ୍ଡି, ମୟୂରଭଞ୍ଜ ହୋ ସମାଜ ସଭାପତି ମାଟକା ବିରୁଆ, ବିଜୁ ମହିଳା ଜନତା ଦଳର ବ୍ଲକ ସଭାପତି ପାର୍ବତୀ ବିରୁଆ, ଆସେକାର ସଭାପତି ଦୁର୍ଗା ହେମ୍ବ୍ରମ ପ୍ରମୁଖ ଯୋଗଦେଇ ଦେଇଥିଲେ। ଏହି



ଅବସରରେ ବିଭିନ୍ନ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ଚାମ୍ପିଆନ ଦଳକୁ ୫ ହଜାର ପୁରସ୍କାର ରାଶି ଓ ଟ୍ରଫି ପ୍ରଦାନ କରାଯାଇଥିଲା। ବ୍ଲକ ମଙ୍ଗଳ ସମ୍ପ୍ରସାରଣ ଅଧିକାରୀ ଶୁଭାଶିଷ ଦାସ, ବିପିନ୍ ରଞ୍ଜନ ସାମଲ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

### ପୂର୍ବ ଶତ୍ରୁତାକୁ ନେଇ ଯୁବକଙ୍କୁ ମରଣାନ୍ତକ ଆକ୍ରମଣ

# ଆକ୍ରମଣକାରୀଙ୍କ ଗିରଫ ଦାବିରେ ଥାନା ଆଗରେ ବିକ୍ଷୋଭ

ରୂପସା, ୨୮।୧ (ସମିସ) :




ବାଲେଶ୍ୱର ଜିଲ୍ଲା ବସ୍ତା ଥାନା ସଦର ବ୍ଲକ ସୋଲପଟା ଛକରେ ଗତ ଗୁରୁବାର ସନ୍ଧ୍ୟାରେ ସ୍ଥାନୀୟ ଶିଳଦା ଗ୍ରାମର ଜଗୁ ନାମକ ଜଣେ ଯୁବକ ଏକ ବାଇକ ଚୋରିକରି ନେଉଥିବା ବେଳେ ସୋଲପଟା ଗ୍ରାମର ବିଜୟ ବେହେରା ତାକୁ ଧରି ଗ୍ରାମବାସୀଙ୍କୁ ଜଣାଇଥିଲେ। ଗ୍ରାମବାସୀ ଗ୍ରାମରେ ଏକ ବୈଠକ କରି ଉକ୍ତ ଯୁବକ ଚେତାବନୀ ଦେଇ ଛାଡି ଦେଇଥିଲେ। ଏହି ଘଟଣାକୁ ନେଇ ଶୁକ୍ରବାର ସକାଳେ ଜଗୁର ସମ୍ପର୍କୀୟ ମାନେ ମାରଣାସ୍ତ୍ର ଦେଖାଇ ବିଜୟ ବେହେରାଙ୍କୁ ତାଙ୍କ ଗ୍ରାମରୁ ଉଠାଇ ନେଇ ମରଣାନ୍ତକ ଆକ୍ରମଣ କରିଥିଲେ। ଯାହା ଫଳରେ ବିଜୟ ଗୁରୁତର ହୋଇଥିଲେ। ସ୍ଥାନୀୟ ଲୋକେ ତାଙ୍କୁ ଡାକ୍ତରଖାନାରେ ଭର୍ତ୍ତି କରିଥିଲେ। ତେବେ ଏହାର ପ୍ରତିବାଦରେ ଅଭିଯୁକ୍ତ ମାନଙ୍କୁ ଗିରଫ ଦାବିରେ ସେହି ଶୁକ୍ରବାର ସନ୍ଧ୍ୟାରେ ସୋଲପଟା ଛକରେ ସ୍ଥାନୀୟ ଲୋକେ ଟାୟାର ଜାଳି ରାସ୍ତା ଅବରୋଧ କରିଥିଲେ। ଘଟଣା ସ୍ଥଳରେ ପୋଲିସ ପହି ବୁଝାସୁଝା କରିବାପରେ ରାସ୍ତାରୋକ ହଟିଥିଲା। ମାତ୍ର ଘଟଣାକୁ ୩ ଦିନ ବିତି ଯାଇଥିଲେ ମଧ୍ୟ ପୋଲିସ କୌଣସି କାର୍ଯ୍ୟାନୁଷ୍ଠାନ ନ ନେବାରୁ ଆଜି ସୋଲପଟା ଏବଂ ସ୍ଥାନୀୟ ଅଞ୍ଚଳର ଶତାଧିକ ଲୋକେ ବସ୍ତା ଥାନାରେ ପହଞ୍ଚି ବିକ୍ଷୋଭ କରିଥିଲେ। ତେବେ ପୋଲିସ ଆସନ୍ତା ୭ ଦିନ ଭିତରେ ଅଭିଯୁକ୍ତ ମାନଙ୍କ ବିରୋଧରେ କାର୍ଯ୍ୟନୁଷ୍ଠାନ ଗ୍ରହଣ କରିବ ବୋଲି ପ୍ରତିଶ୍ରୁତି ଦେବାପରେ ମାମଲା ଥଣ୍ଡା ପଡ଼ିଥିଲା।

## 'ମେ ଆଇ ହେଲ୍ପ ୟୁ'ର ବନ୍ଧୁମିଳନ ଓ ବାର୍ଷିକ ଉତ୍ସବ

**ଜଳେଶ୍ୱର ବ୍ଲକ, ୨୮।୧(ସମିସ):** ଜଳେଶ୍ୱରର ଅଗ୍ରଣୀ ସ୍ୱେଚ୍ଛାସେବୀ ସଂଗଠନ 'ମେ ଆଇ ହେଲ୍ପ ୟୁ ମୋ ପରିବାର' ପକ୍ଷରୁ ଜଳେଶ୍ୱର ଇନ୍ ହୋଟେଲ ପରିସରରେ ବନ୍ଧୁମିଳନ ଓ ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇ ଯାଇଛି। ଏଥିରେ ସଂଗଠନର ମୁଖ୍ୟ ଜଗନ୍ନାଥ ପରିଡ଼ା ସଭାପତିତ୍ୱ କରିଥିଲେ। ଏଥିରେ ମୁଖ୍ୟଅତିଥି ଭାବେ ପୁରୀ ସଦାଶିବ କେନ୍ଦ୍ରୀୟ ବିଦ୍ୟାପୀଠର ଅଧ୍ୟକ୍ଷ ଡ. ଅତୁଲ କୁମାର ନନ୍ଦ ଯୋଗ ଦେଇ ସେବାର ବିକଳ୍ପ ନାହିଁ ବୋଲି କହିଥିଲେ। ସଂଗଠନର ରାଜ୍ୟ ସଭାପତି କିଶୋର ହତା ଯୋଗ ଦେଇ ମେ ଆଇ ହେଲ୍ପ ୟୁ ଆଞ୍ଚଳିକ ଓ ରାଜ୍ୟସ୍ତରରେ ବିଭିନ୍ନ ସେବାକାର୍ଯ୍ୟ କରି ପ୍ରଶଂସିତ ହୋଇଥିବା କହିଥିଲେ। ସମ୍ମାନିତ ଅତିଥିଭାବେ ରକ୍ତଦାତା ସଭାପତି କମଳ ଚକ୍ରବର୍ତ୍ତୀ, ଅଶୋକ ମହାନ୍ତି, ଡ. ଅଜିତ୍ ମହାନ୍ତି, ଅଞ୍ଜନ ମହାନ୍ତି ଓ ଅମୀୟ ମହାନ୍ତି ଯୋଗ ଦେଇ ଅନୁଷ୍ଠାନକୁ ଏକ ଆମ୍ବୁଲାନ୍ସ ଯୋଗାଇଦେଇଥିବା ସମ୍ପର୍କରେ କହିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଶିକ୍ଷାବିତ୍ କପିଳେଶ୍ୱର ମହାନ୍ତି, ରବୀନ୍ଦ୍ର ସେନାପତି, ଅବନୀ ଚାନ୍ଦ, ଡା. ଚନ୍ଦନ ମଣ୍ଡଳ ବକ୍ତବ୍ୟ ରଖିଥିବା ବେଳେ ଜ୍ୟୋସ୍ନାରାଣୀ ମହାନ୍ତି କବିତାପାଠ କରିଥିଲେ। ସରସୀଦାସ୍ଥିତ କନ୍ୟାଶ୍ରମର ସମସ୍ତ ଅନ୍ତେବାସିନୀ ଓ ପରିଚାଳକ ରାମଚନ୍ଦ୍ର ସିଂହ ଏହି କାର୍ଯ୍ୟକ୍ରମରେ ଯୋଗ ଦେଇଥିଲେ।

## ଅବକାରୀ ଚଢ଼ଉ, ୪ ଗିରଫ

**ସୋର, ୨୮।୧(ସମିସ):** ସୋର ଆଦର୍ଶ ଅବକାରୀ ବିଭାଗ ତରଫରୁ ବିଭିନ୍ନ ସ୍ଥାନରେ ମିଳିତ ଚଢ଼ଉ କରି ପୋଚ ନଷ୍ଟ ସହ ଦେଶୀମଦ ଜବତ କରିବା ସହିତ ଚାରି ଜଣଙ୍କୁ ଗିରଫ କରି କୋର୍ଟ ଚାଲାଣ କରାଯାଇଛି। ସୋର ଆଦର୍ଶ ଅବକାରୀ ଥାନା ଅଧିକାରୀ ସନ୍ତୋଷ ସ୍ୱାଇଁ, ନୀଳଗିରି ରେଞ୍ଜ ଅବକାରୀ ଇନ୍ସପେକ୍ଟର କେଶବ ଦାସ ଏବଂ ଖଇରା ଅବକାରୀ ଅଧିକାରୀ ସୁରଜ କୁମାର ଟିଗାଙ୍କ ନେତୃତ୍ୱରେ ଏକ ଟିମ ଆଜି ସକାଳେ ସୋର ବ୍ଲକ ଶିଙ୍ଗାଖୁଣ୍ଟା ପଞ୍ଚାୟତ ନୂଆଗାଁ ଗ୍ରାମରେ ବେଆଇନ ଭାବେ ଗଢି ଉଠିଥିବା ଦେଶୀମଦ ରନ୍ଧା କାରଖାନା ଉପରେ ଚଢ଼ାଉ କରି ୧୮୮୦ ଲିଟର ଗୁଡ଼ ପୋଚ ନଷ୍ଟ କରିବା ସହିତ ୩୬୦ ଲିଟର ଦେଶୀମଦ ଜବତ କରିଥିଲେ। ଚଢ଼ାଉ ହେଉଥିବା ଜାଣିପାରି ଅଭିଯୁକ୍ତ ଘଟଣା ସ୍ଥଳରୁ ଫେରାର ହୋଇଯାଇଥିଲା।ସେହି ନୂଆଗାଁର ଲକ୍ଷ୍ମୀମଣି ପାତ୍ର ନିକଟରୁ ୩୧ ଲିଟର ଦେଶୀମଦ ଏବଂ ନହରପଦା ଗ୍ରାମରେ ଚଢ଼ାଉ କରି ବୁଦ୍ଧିରାମ ସାହୁ ନିକଟରୁ ୩୮ ଲିଟର ଦେଶୀମଦ ଜବତ କରିବା ସହିତ ଉଭୟଙ୍କୁ ଗିରଫ କରିଥିଲେ। ସେହିପରି ଏହି ଟିମ ଖଇରା ଥାନା ଡୁଙ୍ଗୁରା ଗ୍ରାମରେ ବେଆଇନ ମଦରନ୍ଧା ଭାଟିରେ ଚଢ଼ାଉ କରି ୧୮୪୦ ଲିଟର ଗୁଡ଼ପୋଚ ନଷ୍ଟ କରିବା ସହିତ ୨୮୦ ଲିଟର ଦେଶୀମଦ ଜବତ କରିଥିଲେ। ଡୁଙ୍ଗୁରା ଗ୍ରାମର ଗଗନ ବିହାରୀ ବେହେରାଙ୍କ ନିକଟରୁ ୨୦୦ ଲିଟର ଦେଶୀମଦ ଏବଂ କମଳାକାନ୍ତ ସିଂ ନିକଟରୁ ୩୫ ଲିଟର ଦେଶୀମଦ ଜବତ କରିବା ସହିତ ଉଭୟଙ୍କୁ ଗିରଫ କରିଥିଲେ। ଅପରାହ୍ଣରେ ସୋର ମେଡିକାଲରେ ଡାକ୍ତରୀ ମାଇନା ପରେ ସନ୍ଧ୍ୟାରେ ସମସ୍ତଙ୍କୁ କୋର୍ଟ ଚାଲାଣ କରାଯାଇଛି। ଏହି ଚଢ଼ାଉରେ ଏଏସଆଇ ମିନତୀ ଜେନା, ଦୁର୍ଯ୍ୟୋଧନ ବେହେରା, କନେଷ୍ଟବଳ ତପନ ମଲ୍ଲିକ, ଶଶୀକାନ୍ତ ସାହୁ, ଗଣେଶ ସିଂ, ରଜନୀକାନ୍ତ ସାହୁ ଏବଂ କାଜଲ ପ୍ରିୟଦର୍ଶିନୀ ସାମିଲ ହୋଇଥିଲେ।

## ଯୁବ ସମାଜସେବୀଙ୍କ ଅକାଳ ବିୟୋଗ

**ରାଜ ବରହମପୁର, ୨୮।୧ (ସମିସ):** ନୀଳଗିରି ଏନଏସି ୪ନଂ ୱାର୍ଡ ମିରିଗିଣୀ ଗ୍ରାମର ସ୍ୱର୍ଗତ ରତ୍ନାକର ପରିଡ଼ାଙ୍କ କନିଷ୍ଠ ପୁତ୍ର ଅସିତ୍ କୁମାର ପରିଡ଼ା (କାଲୁ)ଙ୍କ ୪୯ ବର୍ଷ ବୟସରେ ବୋନ୍ କ୍ୟାନ୍ସର କାରଣରୁ ରବିବାର ଅପରାହ୍ନରେ ଅକାଳ ବିୟୋଗ ହୋଇଛି। ଗତକାଲି ଅସୁସ୍ଥତା କାରଣରୁ ତାଙ୍କୁ ପ୍ରଥମେ ବାଲେଶ୍ୱର କୁରୁଡ଼ା ସ୍ଥିତ ଜ୍ୟୋତି ହସପିଟାଲକୁ ନିଆଯାଇଥିଲା। ଆଜି ଅବସ୍ଥା ଗୁରୁତର ହେବାରୁ ତାଙ୍କୁ ଭୁବନେଶ୍ୱରକୁ ଉନ୍ନତ ଚିକିତ୍ସା ପାଇଁ ନିଆଯାଉଥିବା ସମୟରେ ରାସ୍ତାରେ ପ୍ରାଣବାୟୁ ଉଡ଼ିଯାଇଥିଲା। ପରିବାର ଲୋକ ତାଙ୍କୁ ଭୁବନେଶ୍ୱର ସ୍ଥିତ କ୍ୟାପିଟାଲ ହସ୍ପିଟାଲକୁ ନେଇ ପହଞ୍ଚିବା ପରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ନୀଳଗିରି ବିଧାୟକ ଇଂ ସୁକାନ୍ତ କୁମାର ନାୟକ ତାଙ୍କ ଶେଷ ଦର୍ଶନ କରିବା ସହିତ ଶୋକ ସନ୍ତପ୍ତ ପରିବାରବର୍ଗଙ୍କୁ ସମବେଦନା ଜଣାଇଛନ୍ତି।

## 'ନୂଆ-ଓ' ସାହିତ୍ୟ ପ୍ରତିଯୋଗିତା ଉଦ୍‌ଯାପିତ

**ରାଜ ବରହମପୁର, ୨୮।୧ (ସମିସ):** ବରହମପୁର ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ 'ନୂଆ-ଓ' ସାହିତ୍ୟ ପ୍ରତିଯୋଗିତା ଉଦଯାପିତ ହୋଇଯାଇଛି। ଉକ୍ତ ସଭାରେ ଅଧ୍ୟକ୍ଷ ଡ. ଅମରନାଥ ସ ଅଧ୍ୟକ୍ଷତା କରିଥିବା ବେଳେ ମୁଖ୍ୟଅତିଥି ଭାବେ ବାଲେଶ୍ୱରର ସ୍ୱତନ୍ତ୍ର ଉନ୍ନୟନ ପରିଷଦର ଅଧ୍ୟକ୍ଷ ମଦନ ମୋହନ ମାଝୀ ଯୋଗଦେଇଥିଲେ। ମୁଖ୍ୟବକ୍ତା ଭାବେ ଧାମନଗର କଲେଜର ପୂର୍ବତନ ଅଧ୍ୟକ୍ଷ ପବିତ୍ର ପାଣିଗ୍ରାହୀ ଯୋଗଦେଇ ବିଶ୍ୱ ସାହିତ୍ୟ ଓ ଭାଷା ସୃଷ୍ଟି ସମ୍ପର୍କରେ ବିଭିନ୍ନ ଲେଖକଙ୍କ ଲେଖା ଓ ଫକୀରମୋହନ ସେନାପତିଙ୍କ ଗଳ୍ପକୁ ନେଇ କିପରି ଭାଷାର ବିପ୍ଳବ ସୃଷ୍ଟି ହୋଇଛି ସେ ବିଷୟରେ ଆଲୋକପାତ କରିଥିଲେ। ନୋଡାଲ ଅଫିସର ବାଲୁଙ୍କେଶ୍ୱର ବଳ ସଭା ପରିଚାଳନା କରିଥିଲେ। ପ୍ରତିଯୋଗିତାର କୋ-ଅର୍ଡିନେଟର ସମୀର ମହାପାତ୍ର ସଭା ପରିଚାଳନା କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଅଧ୍ୟାପକ ପ୍ରଭାତକୁସୁମ ଆଚାର୍ଯ୍ୟ, ବିଜୟ ଜେନା, ହୃଷୀକେଶ ପଣ୍ଡା, ଅନୀଲ ସିଂ, ଗୀତାଞ୍ଜଳୀ ମହନ୍ତ, କୁନା ସିଂ, ପୂର୍ଣ୍ଣଚନ୍ଦ୍ର ଗୋଚ୍ଛାୟତ ସହଯୋଗ କରିଥିଲେ।

## ପୂର୍ବତନ ବିଧାୟକଙ୍କ ବିୟୋଗରେ ଶୋକସଭା

**ରାଜଘାଟ, ୨୮।୧ (ସମିସ);** ପୂର୍ବତନ ବିଧାୟକ ସ୍ୱର୍ଗତ ଜୟନାରାୟଣ ମହାନ୍ତିଙ୍କ ବିୟୋଗରେ ବସ୍ତା ବ୍ଲକ ପାଉଁଶକୁଲି ମଣ୍ଡଳ କାର୍ଯ୍ୟାଳୟରେ ରବିବାର ଅପରାହ୍ନ ୪ଟା ସମୟରେ ଏକ ଶୋକସଭା ଅନୁଷ୍ଠିତ ହେଇଯାଇଛି। ଏହି ଅବସରରେ ମଣ୍ଡଳ ସଭାପତି ପ୍ରକାଶ ଚନ୍ଦ୍ର ମହାନ୍ତି, ଜିଲ୍ଲା ଯୁବମୋର୍ଚ୍ଚା ଉପ ସଭାପତି ରାଜେନ୍ ପରିଡ଼ା, ବରିଷ୍ଠ ସନ୍ତୋଷପୁର ଗ୍ରାମ ପଞ୍ଚାୟତର ବିଜେପି ନେତା ବଂଶୀଧର ସାହୁ, ମଣ୍ଡଳ ସାଧାରଣ ସମ୍ପାଦକ ନାରାୟଣ ଦତ୍ତ ଓ ଜ୍ୟୋତିର୍ମୟ ନନ୍ଦ, କରୁଆ ପଞ୍ଚାୟତ ପ୍ରମୁଖ ଦିଗାମ୍ବର ପ୍ରଧାନ, ଭେଲୋରା ପଞ୍ଚାୟତ ବରିଷ୍ଠ ବିଜେପି ନେତା ଅଜିତ ଦାସ ମହାପାତ୍ର, ପାଉଁଶକୁଲି ପଞ୍ଚାୟତ ପ୍ରମୁଖ ମହେଶ୍ୱର ସାହୁ, ଯୁବନେତା ବିବେକାନନ୍ଦ ପରିଡ଼ା, ବିଶ୍ୱଜିତ ଧଳ, ସାର୍ଥକ ଦାସ ଉପସ୍ଥିତ ରହିଥିଲେ। ଉକ୍ତ ଶୋକସଭାରେ ସ୍ୱର୍ଗତ ଜୟନାରାୟଣ ମହାନ୍ତିଙ୍କ ଅମରଆତ୍ମାର ସଦ୍‌ଗତି ନିମନ୍ତେ ନିରବ ପ୍ରାର୍ଥନା ସହିତ ସ୍ମୃତିଚାରଣ କରି ବକ୍ତବ୍ୟ ପ୍ରଦାନ କରିଥିଲେ ଉପସ୍ଥିତ ଅତିଥିମାନେ।

## 'ଭଏସ୍ ଅଫ୍ ଭୋଗରାଇ'ର ବାର୍ଷିକ ଉତ୍ସବ




**ଚନ୍ଦନେଶ୍ୱର, ୨୮।୧(ସମିସ);** ଭଏସ୍ ଓଫ ଭୋଗରାଇର ଚତୁର୍ଥ ବାର୍ଷିକ ଉତ୍ସବ ଓ ପ୍ରତିଭା ସମ୍ମାନ ସମାରୋହ ଓ ବନ୍ଧୁ ମିଳନ କାର୍ଯ୍ୟକ୍ରମ ଚନ୍ଦନେଶ୍ୱର ବିଜୁ ପଟ୍ଟନାୟକ ଗୋଲେଇ ନିକଟରେ ବେଶ ଧୂମଧାମରେ ପାଳିତ ହୋଇଯାଇଛି। ଭଏସ୍ ଅଫ ଭୋଗରାଇର ସଭାପତି ସୁବାସ ଦାସଙ୍କ ପୌରୋହିତ୍ୟରେ ଏହି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିବା ବେଳେ ମୁଖ୍ୟଅତିଥି ଶଙ୍ଖାରୀ ସେବା ସମବାୟ ସମିତିର ସଭାପତି ତପନ ପଣ୍ଡା, ମୁଖ୍ୟବକ୍ତା ବିଶିଷ୍ଟ ସମାଜସେବୀ ଇଂ. ବିଦୁବେନ୍ଦୁ ପାତ୍ର, ବିଶିଷ୍ଟ ବକ୍ତା ଚନ୍ଦନେଶ୍ୱର ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ଅଧ୍ୟକ୍ଷ ଅଶୋକ ପ୍ରଧାନ, ବିଶିଷ୍ଟ ଅତିଥି ବିଜେପି କୃଷକ ମୋର୍ଚ୍ଚାର ଉପସଭାପତି କୌଶିକ ଚାନ୍ଦ, ନାଟ୍ୟ ନିର୍ଦ୍ଦେଶକ ଧନଞ୍ଜୟ ପାତ୍ର, ଶମ୍ଭୁନାଥ ଜେନା, ଡ. ସନ୍ତୋଷ ପାତ୍ର, ଭୋଗରାଇ ପ୍ରେସ କ୍ଲବ ସଭାପତି ଅମର ମହାନ୍ତି, ଉପଦେଷ୍ଟା ବରିଷ୍ଠ ସାମ୍ବାଦିକ ପ୍ରଦୀପ ଦାସ, ପୂର୍ବତନ ସରପଞ୍ଚ ନଗେନ୍ଦ୍ର ଜେନା, ରାଜ କୁମାର ପାତ୍ର, ଘନଶ୍ୟାମ ନାୟକ, ପ୍ରଶାନ୍ତ ଜେନା, ଧରଣୀଧର ସେନାପତି, ବିପିଏମ କବି ପ୍ରସାଦ ସାହୁ, ସାମ୍ବାଦିକ ଦିଲ୍ଲୀପ ଦାସ ପ୍ରମୁଖ ଉପସ୍ଥିତ ରହି ଗଣତନ୍ତ୍ରରେ ସାମ୍ବାଦିକଙ୍କ କର୍ତ୍ତବ୍ୟ ଓ ଭୂମିକା ସମ୍ପର୍କରେ ବକ୍ତବ୍ୟ ପ୍ରଦାନ କରିଥିଲେ। ଏହି ଅବସରରେ ବିଭିନ୍ନ ବିଦ୍ୟାଳୟର ଛାତ୍ରଛାତ୍ରୀ ମାନଙ୍କ ଦ୍ୱାରା ସଙ୍ଗୀତ, ନୃତ୍ୟ ଆଦି ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା।ଏତଦ୍ ବ୍ୟତୀତ ଭୋଗରାଇର ବହୁ ପ୍ରତିଭା ସମ୍ପନ୍ନ ବ୍ୟକ୍ତି ବିଶେଷଙ୍କୁ ପ୍ରତିଭା ସମ୍ମାନ-୨୦୨୪ରେ ସମ୍ମାନିତ କରାଯାଇଥିଲା। ପରିଶେଷରେ ନୃତ୍ୟ ଓ ସଙ୍ଗୀତ ପ୍ରତିଯୋଗିତାରେ କୃତି ଛାତ୍ରଛାତ୍ରୀଙ୍କୁ ମାନପତ୍ର ଦେଇ ପୁରସ୍କୃତ କରାଯାଇଥିଲା। ମ୍ୟାଜିସିଆନ ସପନ ଜେନା କୌତୁକିଆ ମ୍ୟାଜିକ ପ୍ରଦର୍ଶନ କରି ଦର୍ଶକଙ୍କ ମନ ମୋହିଥିଲେ।

## ଭଗବାନପୁରରେ ୨୫ତମ ବାର୍ଷିକ ବନ୍ଧୁମିଳନ ଉତ୍ସବ



**ରୂପସା, ୨୮।୧ (ସମିସ);** ରୂପସା ଏଫସିଆଇ ନିକଟ ଭଗବାନପୁର ଗ୍ରାମ ମହାପାତ୍ର ଫାର୍ମ ହାଉସ ବୈଠକ ବଙ୍ଗଳାରେ ରୂପସା ଆଞ୍ଚଳିକ ବିଭିନ୍ନ ସଂଗଠନର ୨୫ତମ ବାର୍ଷିକ ବନ୍ଧୁମିଳନ ଓ ପୁସ୍ତକ ଲୋକାର୍ପଣ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଏହି ଉତ୍ସବରେ ଗ୍ରାମର ପ୍ରତିଷ୍ଠାତା ତଥା ଆମ ପରିବାରର ମୁଖ୍ୟ ଭଗବାନ ମହାପାତ୍ର ପୌରାହିତ୍ୟ କରିଥିଲେ। ମୁଖ୍ୟ ଅତିଥି ଓରିପୋଲ ଇଣ୍ଡଷ୍ଟ୍ରିଜର ଏମଡି ଆଦିତ୍ୟ ବେହେରା, ମୁଖ୍ୟ ବକ୍ତା ସାହିତ୍ୟିକ ସୃଷ୍ଟିଧର ପରିଡ଼ା, ସମ୍ମାନିତ ଅତିଥି ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ ଅନନ୍ତ କୁମାର ସାହୁ, ପତ୍ରିକାର ପ୍ରକାଶକ ତଥା ବିଶିଷ୍ଟ ଲେଖକ କିଶୋର ମହାପାତ୍ର, ମୁଖ୍ୟ ସମ୍ପାଦକ ସାହିତ୍ୟିକ ଶାନ୍ତନୁ ପଟ୍ଟନାୟକ, ସମୟର ଚକ୍ର ପତ୍ରିକାର ସମ୍ପାଦକ ସର୍ବେଶ୍ୱର ଜେନା ଯୋଗ ଦେଇ ଓଡ଼ିଆ ଭାଷା ସାହିତ୍ୟ ବିକାଶ କ୍ଷେତ୍ରରେ ଓଡ଼ିଆ ପତ୍ରପତ୍ରିକାର ଭୂମିକା ବେଶ ଗୁରୁତ୍ୱପୂର୍ଣ୍ଣ ବୋଲି ବକ୍ତବ୍ୟରେ କହିଥିଲେ। ଏହି ଅବସରରେ ରୂପସା ଆଞ୍ଚଳିକ ଆମ ପରିବାର ଆନୁକୂଲ୍ୟରେ ପ୍ରକାଶିତ 'ଆମ ପରିବାର ଓ ଆମ ପଞ୍ଚାୟତ ପତ୍ରିକା' ଏବଂ ଭଗବାନ ମହାପାତ୍ରଙ୍କ ରଚିତ 'ମୋ ଆଦରର ଚାରୋଟି ଗ୍ରାମ ଓ ରାଜଧାନୀ ଭୁବନେଶ୍ୱର'ପୁସ୍ତକକୁ ଅତିଥିମାନେ ଲୋକାର୍ପିତ କରିଥିଲେ। ପଣ୍ଡିତ ଚକ୍ରଧର ଆଚାର୍ଯ୍ୟ ବେଦ ପାଠ କରିଥିଲେ। ଛାତ୍ରୀ ନିବେଦିତା ମହାପାତ୍ର ବିବରଣୀ ପାଠ କରିଥିଲେ। ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ ରବୀନ୍ଦ୍ର ପ୍ରଧାନ, ପ୍ରାକ୍ତନ ଟେଲିସେବା ଅଧିକାରୀ ସୁଧାକର ଗିରି, ପ୍ରାକ୍ତନ ପିଇଓ ବୃନ୍ଦାବନ ପଣ୍ଡା ଓ କରୁଣାକର ସ, ସାମ୍ବାଦିକ ବାଞ୍ଛାନିଧି ଦେ, ପୂର୍ବତନ ଅଧିକାରୀ ଅକ୍ଷୟ ମିଶ୍ର, ଗଛ ମଣିଷ ରବୀନ୍ଦ୍ର ବେହେରା, ନିରଞ୍ଜନ ବାରିକ, ଯୋଗୀ ପରମାନନ୍ଦ ବାରିକ ପ୍ରମୁଖ ଏହି ଉତ୍ସବରେ ଉପସ୍ଥିତ ଥିଲେ।

## 'ନିର୍ବାଚନ ଓ ଭାରତରେ ମତଦାନ ଆଚରଣ' ଆଲୋଚନାଚକ୍ର

**ରୂପସା, ୨୮।୧ (ସମିସ):** ରୂପସା ନୀଳମଣି ମହାବିଦ୍ୟାଳୟର ରାଜନୀତି ବିଜ୍ଞାନ ବିଭାଗ ଆନୁକୂଲ୍ୟରେ 'ନିର୍ବାଚନ ଓ ଭାରତରେ ମତଦାନ ଆଚରଣ' ଶୀର୍ଷକ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଯାଇଛି। ଅଧ୍ୟକ୍ଷ ଡ. ତପନ ବେହେରା ଏହି ଆଲୋଚନାଚକ୍ରରେ ଅଧ୍ୟକ୍ଷତା କରିଥିଲେ। ମୁଖ୍ୟଅତିଥି ଭାବେ ବଡ଼ସାହି ପିଏସ କଲେଜର ଅବସରପ୍ରାପ୍ତ ଅଧ୍ୟକ୍ଷ ଡ଼. ପ୍ରକାଶ ମହାପାତ୍ର ଯୋଗ ଦେଇ ଭାରତରେ ଦୁର୍ନୀତି ମୁକ୍ତ ଶାସନ ବ୍ୟବସ୍ଥା ଓ ଗଣତନ୍ତ୍ରକୁ ସୁଦୃଢ କରିବା ପାଇଁ ଭୋଟର ମାନେ ଅଧିକ ରୁ ଅଧିକ ମତଦାନ କରିବା ଆବଶ୍ୟକ ବୋଲି କହିଥିଲେ। ରାଜନୀତି ବିଭାଗର ମୁଖ୍ୟ ଡ. ତପନ ଦାସ ଅତିଥି ପରିଚୟ ପ୍ରଦାନ ପୂର୍ବକ ଆଲୋଚନାଚକ୍ରର ଆଭିମୁଖ୍ୟ ସମ୍ପର୍କରେ ପ୍ରାରମ୍ଭିକ ସୂଚନା ପ୍ରଦାନ କରିଥିଲେ। ଗାୟତ୍ରୀ ରଣା, ଇନ୍ଦ୍ରଜିତ ଦାସ, ରଶ୍ମୀରେଖା ସିଂଘ ଦେବସ୍ମିତା ସାହୁ, ମୋନାଲିସା ହାତୀଙ୍କ ସମେତ ୧୮ ଜଣ ଛାତ୍ରଛାତ୍ରୀ ନିଜସ୍ୱ ସନ୍ଦର୍ଭ ପାଠ କରିଥିଲେ। ରାଜନୀତି ବିଭାଗ ର ଅଧ୍ୟାପିକା ଅନ୍ନପୂର୍ଣ୍ଣା ରଣା ଧନ୍ୟବାଦ୍ ଅର୍ପଣ କରିଥିଲେ।

## ୱାର୍ଡସଭ୍ୟାଙ୍କ ସ୍ୱାମୀ ବିୟୋଗ

**ଚୌକି, ୨୮।୧ (ସମିସ) :** ଭୋଗରାଇ ବ୍ଲକ ଅନ୍ତର୍ଗତ ମନ୍ଦାରସାହି ପଞ୍ଚାୟତ କାଳାହି ଗ୍ରାମର ୩ ନମ୍ବର ୱାର୍ଡର ୱାର୍ଡସଭ୍ୟା ରାଧାମଣୀ ମହାନ୍ତିଙ୍କ ସ୍ୱାମୀ ବସନ୍ତ ମହାନ୍ତିଙ୍କ ୪୬ ବର୍ଷ ବୟସରେ ପରଲୋକ ହୋଇଛି। ସ୍ୱର୍ଗତ ମହାନ୍ତି ବହୁତ ଦିନ ହେଲା କିଡନୀ ଜନିତ ରୋଗରେ ପୀଡ଼ିତ ଥିଲେ। ମୃତ୍ୟୁ ସମୟରେ ତାଙ୍କର ପତ୍ନୀ, ପିତା ଅନନ୍ତ ମହାନ୍ତି ଓ ପୁଅ ସୁମନ୍ତ ମହାନ୍ତି ଉପସ୍ଥିତ ଥିଲେ। ତାଙ୍କର ମୃତ୍ୟୁରେ ସମଗ୍ର କାଳହି ଓ ଦେଉଳା ହାଟରେ ଦୁଃଖର ଛାୟା ଖେଳିଯାଇଛି। ତାଙ୍କର ମୃତ ଶରୀର ଗ୍ରାମର ଶ୍ମଶାନରେ ଦାହ କରାଯାଇଥିଲା।

## ଜିଲ୍ଲା ଯୁବ ବିଜେଡି ସାଧାରଣ ସମ୍ପାଦକ ହେଲେ ଜଗବନ୍ଧୁ ଜେନା

**ବାଲିଆପାଳ/ବଳରାମପୁର/ଲଙ୍ଗଳେଶ୍ୱର, ୨୮।୧(ସମିସ):** ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ନିର୍ଦ୍ଦେଶକ୍ରମେ ବାଲେଶ୍ୱର ଜିଲ୍ଲା ବିଜୁ ଯୁବ ଜନତା ଦଳ ସଭାପତି ତାପସ କୁମାର ପରିଡ଼ାଙ୍କ ସହମତି କ୍ରମେ ବାଲେଶ୍ୱର ଜିଲ୍ଲା ବିଜୁ ଯୁବ ଜନତା



ଦଳର ସାଧାରଣ ସମ୍ପାଦକ ଭାବେ ବାଲିଆପାଳ ପଞ୍ଚାୟତର ଯୁବନେତା ଜଗବନ୍ଧୁ ଜେନାଙ୍କୁ ନିଯୁକ୍ତି ମିଳିଛି। ଶ୍ରୀ ଜେନା କଂଗ୍ରେସ ଦଳ ଛାଡି ବିଜୁ ଜନତା ଦଳରେ ସାମିଲ ହେବା ପରେ ଦଳ ପକ୍ଷରୁ ତାଙ୍କୁ ଏହି ଦାୟିତ୍ୱ ମିଳିଛି। ଏହି ଦାୟିତ୍ୱ ମିଳିବା ପରେ ଶ୍ରୀ ଜେନା ସୁପ୍ରିମୋ ତଥା ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ, ରାଜ୍ୟ ଯୁବ ବିଜେଡି ସଭାପତି ଡ. ବ୍ୟୋମକେଶ ରାୟ, ପୂର୍ବତନ ସାଂସଦ ତଥା ଖୋର୍ଦ୍ଧା ଜିଲ୍ଲା ପର୍ଯ୍ୟବେକ୍ଷକ ଇଂ ରବୀନ୍ଦ୍ର କୁମାର ଜେନା, ମନ୍ତ୍ରୀ ତଥା ବାଲେଶ୍ୱର ଜିଲ୍ଲା ପର୍ଯ୍ୟବେକ୍ଷକ ପ୍ରତାପ କେଶରୀ ଦେବ, ବିଜୁ ମହିଳା ଜନତା ଦଳର ରାଜ୍ୟ କାର୍ଯ୍ୟକାରିଣୀ ସଭାନେତ୍ରୀ ସୁବାସିନୀ ଜେନା, ବାଲେଶ୍ୱର ଜିଲ୍ଲା ଯୁବ ବିଜେଡି ସଭାପତି ତାପସ ପରିଡ଼ା, ଜିଲ୍ଲା ଛାତ୍ର ଜନତା ଦଳ ସଭାପତି ସୀମନ ଦାସ ମହାପାତ୍ର, ବସ୍ତା ନିର୍ବାଚନମଣ୍ଡଳୀର ସହ ପର୍ଯ୍ୟବେକ୍ଷକ ରଣଜିତ୍ ମହାପାତ୍ର, ବାଲିଆପାଳ ବ୍ଲକ ବିଜେଡି ସଭାପତି ଗୋବିନ୍ଦ ପ୍ରସାଦ ଦାସ ଏବଂ ବାଲିଆପାଳର ପ୍ରମୁଖ ନେତୃବୃନ୍ଦଙ୍କୁ ଧନ୍ୟବାଦ ଦେବା ସହ କୃତଜ୍ଞତା ଜ୍ଞାପନ କରିଛନ୍ତି। ଏହି ନିଯୁକ୍ତି ପରେ ଜଗବନ୍ଧୁଙ୍କୁ ବିଭିନ୍ନ ମହଲରୁ ଶୁଭେଚ୍ଛାର ସୁଅ ଛୁଟିଛି।

## 'ନୂଆ-ଓ' ସାହିତ୍ୟ ପ୍ରତିଯୋଗିତା ଉଦ୍‌ଯାପିତ

**ବାହାନଗା, ୨୮।୧(ସମିସ) :** ବାଲେଶ୍ୱର ଜିଲ୍ଲା ବାହାନଗା ବ୍ଲକ ଅଭଣା ସ୍ଥିତ ବେଳାଭୂମି ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ଓ ମହାବିଦ୍ୟାଳୟରେ ସାହିତ୍ୟ ପ୍ରତିଯୋଗିତା ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଏହି ଉତ୍ସବରେ ମହାବିଦ୍ୟାଳୟର ଅଧ୍ୟକ୍ଷ ପ୍ରାଧ୍ୟାପକ ଅଜୟ ପାଢ଼ୀ ସଭାପତିତ୍ୱ କରି ପ୍ରତିଯୋଗିତାରେ ଅଂଶଗ୍ରହଣ କରିଥିବା ଛାତ୍ରଛାତ୍ରୀଙ୍କୁ ସେମାନଙ୍କ ପ୍ରତିଭାର ଉନ୍ମେଷ ପାଇଁ ଉତ୍ସାହ ପ୍ରଦାନ କରିଥିଲେ। ଉଦଯାପନ କାର୍ଯ୍ୟକ୍ରମ ପୂର୍ବରୁ ଉଭୟ ବର୍ଗର ଛାତ୍ରଛାତ୍ରୀଙ୍କ ମଧ୍ୟରେ ଜଗନ୍ନାଥ ଭଜନ ଓ ଲୋକନୃତ୍ୟ ପ୍ରତିଯୋଗିତା ଆୟୋଜିତ ହୋଇଥିଲା। ସଙ୍ଗୀତଗୁରୁ ପର୍ଶୁରାମ ପଣ୍ଡା ଓ ନୃତ୍ୟ ବିଶାରଦା ଅନୁପମା ପଣ୍ଡା ପ୍ରତିଯୋଗୀଙ୍କୁ ମୂଲ୍ୟାୟନ କରିବାସହ ଉଭୟ ସଙ୍ଗୀତ ଓ ନୃତ୍ୟର କଳାକ ପ୍ରତିଭାକୁ ପ୍ରଶଂସା କରିଥିଲେ। କାର୍ଯ୍ୟକ୍ରମକୁ ଅଧ୍ୟାପକ ଡ. ପ୍ରଶାନ୍ତ ରାଉତ ସଂଯୋଜନା କରିଥିଲେ। ଏକ ସପ୍ତାହ ଧରି ଚାଲିଥିବା ଏହି ପ୍ରତିଯୋଗିତାରେ ମହାବିଦ୍ୟାଳୟର ଅଧ୍ୟାପିକା ବିଦ୍ୟାଭାରତୀ ପଣ୍ଡା, ମଧୁସ୍ମିତା ମହାନ୍ତି, ଅଧ୍ୟାପକ ଅଶୋକ ନାଏକ, ପ୍ରାଧ୍ୟାପକ ଅନନ୍ତ ଚରଣ ସାହୁ, ସୌମ୍ୟ ଶରଣ ପଣ୍ଡା, ରଞ୍ଜିତ୍ ବେହେରା, ବସନ୍ତ ସନ୍ଦିବିଗ୍ରହଙ୍କ ସହ ଅନ୍ୟ ସମସ୍ତ ଅଧ୍ୟାପକ ଅଧ୍ୟାପିକା କର୍ମଚାରୀ ଓ ଛାତ୍ରଛାତ୍ରୀ ସହଯୋଗ କରିଥିଲେ।



## ସମସ୍ତଙ୍କ ପାଇଁ ଶିକ୍ଷା ଉଦ୍ଦେଶ୍ୟରେ ଗଣଦୌଡ଼

**ଜଳେଶ୍ୱର/ଜଳେଶ୍ୱର ବ୍ଲକ, ୨୮।୧(ସମିସ):** ଜଳେଶ୍ୱର ସହର ବଡ଼ବଜାରସ୍ଥିତ ଟାଉନ ହଲ ପଡ଼ିଆ ଠାରେ ବିଶିଷ୍ଟ ଶିକ୍ଷାବିତ ତଥା କନ୍ଧମାଳ ଜିଲ୍ଲାର ସାଂସଦ ଡ. ଅଚ୍ୟୁତ ସାମନ୍ତଙ୍କ ଦ୍ୱାରା ପ୍ରତିଷ୍ଠିତ ' ଆର୍ଟ ଓଫ ଗିଭିଂ ଜଳେଶ୍ୱର ଶାଖା ପକ୍ଷରୁ ଚଳିତ ବର୍ଷ ନିମନ୍ତେ ସମସ୍ତଙ୍କ ପାଇଁ ଶିକ୍ଷା ( ଏଜୁକେଶନ ଫର୍ ଅଲ୍) ଭଳି ଏକ ନିଆରା ବାର୍ତ୍ତାକୁ ନେଇ ସାଧାରଣ ସଭା ଓ ଗଣ ଦୌଡ଼ ଅନୁଷ୍ଠିତ ହୋଇଯାଇଛି। 'ଆର୍ଟ ଅଫ ଗିଭିଂ' ବାଲେଶ୍ୱର ଜିଲ୍ଲାର ସଂଯୋଜକ ତଥା ବରିଷ୍ଠ ଆଇନଜୀବୀ ଅନୀଲ କୁମାର ପରିଡ଼ାଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଗଣଦୌଡ ଅନୁଷ୍ଠିତ ହୋଇଥିଲା। ଏହାକୁ ଜଳେଶ୍ୱର ସିନିଅର ସିଭିଲ ଜଜ (ସବ୍‌ଜଜ) ନିଶା ସାମଲ ଉଦଘାଟନ କରିଥିବାବେଳେ ଜିଲ୍ଲା ପରିଷଦ ଉପସଭାପତି ଅନୁସୂୟା ପ୍ରଧାନ, ବ୍ଲକ ଚେୟାରମ୍ୟାନ ମାନସ ଜେନା, ମ୍ୟୁନିସିପାଲିଟି ଚେୟାରମ୍ୟାନ ପ୍ରତୀପ ପ୍ରଧାନ, ଆଇଆଇସି ରଞ୍ଜନ ସେଠୀ, ବାର୍ ଆସୋସିଏସନ ସଭାପତି କୁଞ୍ଜବିହାରୀ ଦାସ, ଶିକ୍ଷକ ନେତା ଅଜିତ ମହାନ୍ତି, ପ୍ରମୁଖ ଯୋଗ ଦେଇଥିଲେ।

## ଆଦିବାସୀ ଭୂମିଜ ସମ୍ପ୍ରଦାୟର ପାରମ୍ପରିକ ନୃତ୍ୟ କାର୍ଯ୍ୟକ୍ରମ

ରାଜବରହମପୁର, ୨୮।୧ (ସମିସ):



ପାରମ୍ପରିକ ମାଦଳର ତାଳେ ତାଳେ ଏବଂ ଆଦିବାସୀ ସଙ୍ଗୀତର ମୂର୍ଚ୍ଛନାରେ ଝୁମିଲା ବଣ ପାହାଡଘେରା ଶାଳବଣି ଗାଁ। ବାଲେଶ୍ୱର ଜିଲ୍ଲା ନୀଳଗିରି ବ୍ଲକ ମହିଷାପଟା ପଞ୍ଚାୟତ ନିକଟ ସ୍ୱର୍ଣ୍ଣଚୁଡ଼ ପାହାଡ଼ ଓ ତତ୍ ସଂଲଗ୍ନ ଜଙ୍ଗଲର ସ୍ୱର୍ଗୀୟ ଅପରୂପ ସୌନ୍ଦର୍ଯ୍ୟରେ ଭରପୂର ବଣମୁଲକର ଗାଁ ଶାଳବଣିରେ ବହୁ ପ୍ରାଚୀନ ଭୂମିଜ ଆଦିବାସୀ ସମ୍ପ୍ରଦାୟର ଲୋକ ବସବାସ କରନ୍ତି। ଏପରି ଏକ ମନମୁଗ୍ଧକର ପରିବେଷ୍ଟନିରେ ବଣଧୂଳିର ଫୁଲ ଅନୁଷ୍ଠାନ ଦ୍ୱାରା ରବିବାର ଆୟୋଜିତ ହୋଇଥିଲା ଏକ ବନ୍ଧୁମିଳନ ଉତ୍ସବ। ଏଥିସହିତ ଉକ୍ତ ସମ୍ପ୍ରଦାୟର ମୁଖ୍ୟ ଦେବତା 'ଗଟବଙ୍ଗା'ପୀଠର ଉନ୍ନତିକରଣ। ଏହି ଉପଲକ୍ଷେ ବାଲେଶ୍ୱର ଜିଲ୍ଲା ସ୍ୱତନ୍ତ୍ର ଉନ୍ନୟନ ପରିଷଦର ଅଧ୍ୟକ୍ଷ ମଦନ ମୋହନ ମାଝୀ ମୁଖ୍ୟଅତିଥି ଭାବରେ ଯୋଗଦେଇଥିବା ବେଳେ ଉତ୍ସବ ସ୍ଥଳକୁ ଆଦିବାସୀ ନୃତ୍ୟ ଗୀତର ତାଳେତାଳେ ଆଦିବାସୀ ରମଣୀମାନେ ପାଛୋଟି ନେଇ ପାଦ ଧୋଇଦେଇ ସଭାମଞ୍ଚରେ ବସାଇଥିଲେ। ଏଥିରେ ମୁଖ୍ୟବକ୍ତା ଭାବେ ନୀଳଗିରି ବ୍ଲକ ଅଧ୍ୟକ୍ଷା ଶୁଭଲକ୍ଷ୍ମୀ ମାଝୀ ଯୋଗ ଦେଇଥିଲେ। ଆୟୋଜକ 'ବଣଧୂଳିର ଫୁଲର'ର ପ୍ରତିଷ୍ଠାତା ଓଡ଼ିଶା ସରକାରଙ୍କ ଆଇନ ବିଭାଗର ଆର୍ଥିକ ଉପଦେଷ୍ଟା ତଥା ସହକାରୀ ସଚିବ ବାସନ୍ତୀମଣି ସିଂ ଏବଂ ଅନ୍ୟତମ ପ୍ରତିଷ୍ଠାତା ବିଜୟ ଆଚାର୍ଯ୍ୟ ଉପସ୍ଥିତ ରହି ମୁଖ୍ୟଅତିଥି ଶ୍ରୀ ମାଝିଙ୍କୁ ପରିବେଶ ସୁରକ୍ଷା ସହିତ ଆଦିବାସୀ ସମ୍ପ୍ରଦାୟରେ ରହିଥିବା ବାଲ୍ୟବିବାହ ଭଳି କୁପ୍ରଥା ଉପରେ ସଚେତନ ସହ ଉକ୍ତ ଅଞ୍ଚଳରେ ଥିବା ବହୁ ଆଦିବାସୀ ଦେବଦେବୀ ପୀଠ ଗୁଡ଼ିକର ପୁନରୁଦ୍ଧାର ସହ ଆର୍ଥିକ ଅନୁଦାନ ପାଇଁ ଅନୁରୋଧ କରିଥିଲେ। ଏହି କାର୍ଯ୍ୟକ୍ରମରେ ବରେଣ୍ୟଅତିଥି ଭାବେ ରାଜ୍ୟ ଔଷଧୀୟ ବୃକ୍ଷ ବୋର୍ଡର ମୁଖ୍ୟ କାର୍ଯ୍ୟନିର୍ବାହୀ ତଥା ରାଜ୍ୟ ବାଉଁଶ ମିଶନର ନିର୍ଦ୍ଦେଶକ ସୁଦୀପ ନାୟକ, ରାଜ୍ୟ ବାର୍ କାଉସିଲର ପୂର୍ବତନ ଉପସଭାପତି ତଥା ଓଡ଼ିଶା ହାଇକୋର୍ଟର ବରିଷ୍ଠ ଆଇନଜୀବୀ ମିଳନ ବଡ୍ଡୁ, ନାକ ଉପଦେଷ୍ଟା ତଥା ଶ୍ରୀମନ୍ଦିର କରଣୀ ସେବକ ଦିଲ୍ଲୀପ ମଙ୍ଗରାଜ, ଜାତୀୟ ଅନୁଷ୍ଠାନ 'ଗୁଞ୍ଜ'ର ରାଜ୍ୟ ସଂଯୋଜକ ସୁରେଶ କୁମାର, ଟାଟା ଷ୍ଟିଲର ପରିଚାଳକ ପ୍ରଭାତ ଦାସ, ଔଷଧ ବିତରକ ରଞ୍ଜିତ ସାମଲ ପ୍ରମୁଖ ଉପସ୍ଥିତ ରହି ଆଦିବାସୀ ମାନଙ୍କର ପାରମ୍ପରିକ ନୃତ୍ୟଗୀତରେ ସାମିଲ ରହିବା ସହିତ ସେମାନଙ୍କର ପରମ୍ପରାକୁ ଅନୁଧ୍ୟାନ କରିଥିଲେ। 'ବଣଧୂଳିର ଫୁଲ'ର ମୁଖ୍ୟ ପରିଚାଳକ ବାଇଧର ସିଂ ସଭାପତିତ୍ୱ କରିଥିଲେ। ଏହି ଅବସରରେ ଗୁଞ୍ଜ୍ ତରଫରୁ ୨୦ଜଣ ଆଦିବାସୀ ବୃଦ୍ଧବୃଦ୍ଧାଙ୍କୁ କମ୍ବଳ ବଣ୍ଟନ କରାଯାଇଥିଲା।

## ବରିଷ୍ଠ ନାଗରିକ ମଞ୍ଚର ନୂତନ ଗୃହ ପାଇଁ ଶୁଭ

**ସୋସୋ, ୨୮।୧(ସମିସ):** ହାଟଡିହୀ ବ୍ଲକର ଆଞ୍ଚଳିକ ବରିଷ୍ଠ ନାଗରିକ ବିକାଶ ମଞ୍ଚ ବଉଳା ସୋସୋର ନୂତନ ଗୃହ ପାଇଁ ଶୁଭ ପ୍ରଦାନ କରାଯାଇଛି। ମଞ୍ଚର ସଭାପତି ପର୍ଶୁରାମ ପେଡ଼ା ଶୁଭାରମ୍ଭ କରିଥିଲେ। ଜିଲ୍ଲାପରିଷଦ ଉପାଧ୍ୟକ୍ଷ ସୋମନାଥ ଦାସ, ଗୋପାଳ ରାଉତ, ସମ୍ପାଦକ ବିଦ୍ୟାଧର ପୁହାଣ, ଶରତ ରାଉତ, ଶଙ୍ଖାଳି ରାଉଳ, ବଜ୍ର ମୋହନ ଭୋଇ, ରବୀନ୍ଦ୍ର ବିଶ୍ୱାଳ, ରବୀନ୍ଦ୍ର ନାଥ ରାଉତ, ରବି ନାରାୟଣ ରାଉତ, ରଙ୍ଗାଧର ସିଂ, ନାରାୟଣ ବିଶ୍ୱାଳ, ରମାକାନ୍ତ ସିଂ, ଗଣେଶ୍ୱର ସିଂ, ନବଘନ ପଣ୍ଡିତ, କମଳା ମାହନ୍ତି, ଆନନ୍ଦ ସିଂ, ଆଦିକନ୍ଦ ବେହେରା, ରତିକାନ୍ତ ନାୟକ, ବସନ୍ତ ଦାସ, ବିଦ୍ୟାଧର ମହାନ୍ତି, ଦୟାନିଧି ଦାସ, ଅଜିତ ରାଉତ, କୃପାସିନ୍ଧୁ ପଣ୍ଡିତ, ହଳଧର ଖମାରୀ ପ୍ରମୁଖ ବହୁ ବରିଷ୍ଠ ବ୍ୟକ୍ତି ଉପସ୍ଥିତ ରହିଥିଲେ।

## ଓମ୍‌ସାଇ ଇଣ୍ଟର ନ୍ୟାସ୍‌ନାଲ୍ ସ୍କୁଲର ବାର୍ଷିକ ଉତ୍ସବ



**ଆନନ୍ଦପୁର, ୨୮।୧(ସମିସ):** ଘଷିପୁରା ବ୍ଲକ ଅନ୍ତର୍ଗତ ରେକୁଟିଆ ଠାରେ ଆଜି ଓମସାଇ ଇଣ୍ଟର ନ୍ୟାସନାଲ ସ୍କୁଲର ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମକୁ ବରିଷ୍ଠ ଆଇନଜୀବି ଅଚ୍ୟୁତ ପଣ୍ଡା ସଭାପତିତ୍ୱ କରିଥିଲେ। ଏଥିରେ ମୁଖ୍ୟଅତିଥି ଭାବେ କେଶଦୁରାପାଲ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରର ଡାକ୍ତର ଅମରଜିତ ଚକ୍ର, କେନ୍ଦ୍ର ସାହିତ୍ୟ ଏକାଡେମୀ ପୁରସ୍କାରପ୍ରାପ୍ତ ଡା. ରାମଚନ୍ଦ୍ର ନାୟକ, ମୁଖ୍ୟ ବକ୍ତା ଭାବେ ଅବସରପ୍ରାପ୍ତ ବିଇଓ ଶରତ କୁମାର ରାଉତ, ଅବସରପ୍ରାପ୍ତ ଶିକ୍ଷକ ନୀଳମଣି ରାଉତ, ସମ୍ମାନିତ ଅତିଥି ଭାବେ ସ୍କୁଲ ଏମଡି ବିନୋଦ ନାୟକ ଯୋଗ ଦେଇଥିଲେ। ବିଭିନ୍ନ କ୍ଷେତ୍ରରେ ସଫଳ ହୋଇଥିବା ଛାତ୍ରଛାତ୍ରୀଙ୍କୁ ପୁରସ୍କୃତ କରାଯାଇଥିଲା। ଛାତ୍ରଛାତ୍ରୀଙ୍କ ଦ୍ୱାରା ରଙ୍ଗାରଙ୍ଗ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା। ଏହି କାର୍ଯ୍ୟକ୍ରମକୁ ଶିକ୍ଷକ କୃଷ୍ଣଚନ୍ଦ୍ର ଆଚାର୍ଯ୍ୟ ଓ ସଞ୍ଜୟ ଜେନା ସଭା ସଂଯୋଜନା କରିଥିବା ବେଳେ ବିଦ୍ୟାଳୟର ଅଧକ୍ଷ ତାପସ ରାଉତ ବିବରଣୀ ପାଠ କରିଥିଲେ।

## ଅନଙ୍ଗ ଚରଣ ଦାସଙ୍କ ପ୍ରଥମ ଶ୍ରାଦ୍ଧବାର୍ଷିକ

**ଆନନ୍ଦପୁର, ୨୮।୧(ସମିସ):** ଆନନ୍ଦପୁର ପୌରପରିଷଦ ଅନ୍ତର୍ଗତ ଫକୀରପୁର ସାହିତ୍ୟ ସଂସଦ ପକ୍ଷରୁ ଅନଙ୍ଗ ଚରଣ ଦାସଙ୍କ ପ୍ରଥମ ଶ୍ରାଦ୍ଧା ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ସଂସଦର ସମ୍ପାଦକ ଅନିଲ କୁମାର ସାହୁଙ୍କ ଅଧକ୍ଷତାରେ ଅନୁଷ୍ଠିତ ଶ୍ରାଦ୍ଧ ବାର୍ଷିକ ଉତ୍ସବରେ ମୁଖ୍ୟଅତିଥି ଭାବେ ଆନନ୍ଦପୁର ମହାବିଦ୍ୟାଳୟର ପ୍ରାକ୍ତନ ଅଧକ୍ଷ ରମାକାନ୍ତ ନାୟକ, ସମ୍ମାନିତ ଅତିଥି ଭାବେ ବରିଷ୍ଠ ସାମ୍ବାଦିକ ସୁବାସ ଚନ୍ଦ୍ର ମହାପାତ୍ର, କବି ପ୍ରଫୁଲ୍ଲ କୁମାର ଚକ୍ର ଯୋଗଦେଇ ସ୍ୱର୍ଗତ ଦାସଙ୍କ ସାହିତ୍ୟାକୃତୀ ଉପରେ ଅଲୋଚନା କରିଥିଲେ। ବରିଷ୍ଠ କବି ଭୁବନମୋହନ ମହାନ୍ତିଙ୍କ ସଂଯୋଜନାରେ କବି ସୁରେନ୍ଦ୍ର ପରିଡ଼ା, ବନମାଳି ଜେନା, ହେମନ୍ତ କୁମାର ନାୟକ, ବିଦ୍ୟୁତ୍ ଲତାଦେଓ, ସରଳା ମହାପାତ୍ର, ଅନନ୍ତ ଚରଣ ମୁଦୁଲି, ସୁଭଦ୍ରା ସ୍ୱାଇଁ, ଦଶରଥ ସାହୁ, ଜ୍ୟୋତ୍ସ୍ନାରାଣୀ ଦାସ, ପ୍ରଶାନ୍ତ ଦାସ, ସ୍ମିତା ଘୋଷ, ସଞ୍ଜୟ କୁମାର ଓଝା ପ୍ରମୁଖ ୩୦ରୁ ଉର୍ଦ୍ଧ୍ୱ କବି କବିତା ପାଠ କରିଥିଲେ। ପ୍ରଦୀପ କୁମାର ହଜାରୀ, ନାରାୟଣ ବାରିକ, ଜଟାଧାରୀ ଚିନାରା ସ୍ୱର୍ଗତ ଦାସଙ୍କ ସ୍ମୃତି ଚାରଣ କରିଥିଲେ। ସାହିତ୍ୟ ସଂସଦ ସଭାପତି ସରୋଜ କୁମାର ସାହୁ ଧନ୍ୟବାଦ ପ୍ରଦାନ କରିଥିଲେ।

## ମହତାବ ହାଇସ୍କୁଲ ଏନ୍‌ସିସି ଅଫିସର ସମ୍ବର୍ଦ୍ଧିତ



**ଚମ୍ପୁଆ, ୨୮।୧ (ସମିସ):** ଚମ୍ପୁଆ ସରକାରୀ ମହତାବ ହାଇସ୍କୁଲର ଏନ୍‌ସିସି ଅଫିସର ଗିରିଶ ଚନ୍ଦ୍ର ପ୍ରଧାନଙ୍କୁ କର୍ତ୍ତବ୍ୟନିଷ୍ଠା ଓ ଉତ୍ସର୍ଗୀକୃତ ସେବା ପାଇଁ ସାଧାରଣତନ୍ତ୍ର ଦିବସରେ ସମ୍ବର୍ଦ୍ଧିତ କରାଯାଇଛି। ଉପଖଣ୍ଡ ପ୍ରଶାସନ ତରଫରୁ ଉପଜିଲ୍ଲାପାଳ ସୁକାନ୍ତ ମାଝୀ ନେହେରୁ ଷ୍ଟାଡିୟମ ଠାରେ ଅନୁଷ୍ଠିତ ସାଧାରଣତନ୍ତ୍ର ଦିବସ ଅବସରରେ ତାଙ୍କୁ ଟ୍ରଫି, ମାନପତ୍ର ଓ ଉତ୍ତରୀୟ ଦେଇ ସମ୍ବର୍ଦ୍ଧିତ କରିଥିଲେ। ପ୍ରକାଶ ଥାଉ କି ଦୀର୍ଘ ୨୦ ବର୍ଷ ଧରି ନିରବଚ୍ଛିନ୍ନ ଭାବେ ଉପଖଣ୍ଡସ୍ତରୀୟ ଜାତୀୟ ଦିବସ ପ୍ୟାରେଡ଼ ପରିଚାଳନା କରି ଆସୁଛନ୍ତି।

## ଚାରଣ ଜୟନ୍ତୀ ପାଳିତ

**ହାଟଡ଼ିହୀ/ସୋସୋ, ୨୮।୧(ସମିସ):** ଆନ୍ତର୍ଜାତିକ ଚାରଣ ଗୋଷ୍ଠୀ କେନ୍ଦୁଝର ଜିଲ୍ଲା ସଂଗଠନ ତରଫରୁ ହାଟଡ଼ିହୀ ସ୍ଥିତ ବିଷ୍ଣୁପ୍ରିୟା ବାଳାଶ୍ରମ ଓ ବୃଦ୍ଧ-ବୃଦ୍ଧାଶ୍ରମରେ ଚାରଣ ଜୟନ୍ତୀ ପାଳନ କରାଯାଇଛି। କାର୍ଯ୍ୟକ୍ରମକୁ ଆଶ୍ରମର ସର୍ବବଶିଷ୍ଠ ବୃଦ୍ଧା ହେମଲତା ପଣ୍ଡା ପ୍ରଦୀପ ପ୍ରଜ୍ୱଳନ କରି ଆରମ୍ଭ କରିଥିଲେ। ଚାରଣ ଜିଲ୍ଲା ସଙ୍ଗଠକ ତପନ କୁମାର ନାୟକଙ୍କ ପ୍ରତ୍ୟେକ୍ଷ ତତ୍ତ୍ୱାବଧାନରେ କାର୍ଯ୍ୟକ୍ରମଟି ଅନୁଷ୍ଠିତ ହୋଇଥିଲା। ଜିଲ୍ଲା ସଙ୍ଗଠକଙ୍କ ଦ୍ୱାରା ବିଷ୍ଣୁ ସହସ୍ରନାମ, ଗୀତାର ପଞ୍ଚଦଶ ଅଧ୍ୟାୟ, ହନୁମାନ ଚାଳିଶା, ଭଗବତ ପଠନ କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ବୃଦ୍ଧାଶ୍ରମର ସମସ୍ତ କର୍ମଚାରୀ, ପୂର୍ବତନ ବିଡିଓ ଜୟଦେବ ଦାସ, ନାରାୟଣ ବାରିକ, ସୁରେନ୍ଦ୍ର ସେନାପତି, ଜଗମୋହନ ଯେନା, ଶିକ୍ଷକ ନିହାର ରଞ୍ଜନ ସ୍ୱାଇଁ, ସୂର୍ଯ୍ୟପ୍ରକାଶ ସେଠୀ, ରାଜେଶ ବେହେରା, ସଞ୍ଜୀବ କୁମାର ମହାନ୍ତି, ନିରାକାର ପରିଡ଼ା ପ୍ରମୁଖ ଯୋଗ ଦେଇଥିଲେ।

### ସରକାରୀ ଚାକିରି କରାଇଦେବା ଆଳରେ ଠକେଇ

# ଲକ୍ଷାଧିକ ଟଙ୍କା ଲୁଟ୍; ଯୁବକ ଗିରଫ

**ତୁରୁମୁଙ୍ଗା, ୨୮।୧(ସମିସ)**



ସରକାରୀ ଚାକିରି କରାଇଦେବା ଆଳରେ ଲକ୍ଷାଧିକ ଟଙ୍କା ଠକେଇ ଅଭିଯୋଗରେ କେନ୍ଦୁଝର ଜିଲ୍ଲା ତୁରୁମୁଙ୍ଗା ପୁଲିସ ଜଣେ ମହାଠକକୁ ରବିବାର ଗିରଫ କରିଛି। ଗିରଫ ଯୁବକ ହେଲେ ସଦର ଥାନା କୁମୁଣ୍ଡି ତଳଜାଗର ଗ୍ରାମର ରାଧାକାନ୍ତ ମହାନ୍ତ ପୁଅ ଦେବାନନ୍ଦ ମହାନ୍ତ (୩୨)। ଠକେଇରେ ଶିକାର ହୋଇଥିବା ତୁରୁମୁଙ୍ଗା ଥାନା ସୋରାସପଶି ଗ୍ରାମର ପ୍ରଶାନ୍ତ ମହାନ୍ତ ଅଭିଯୋଗ କରିବା ପରେ ପୁଲିସ ଠକ ଯୁବକକୁ ଗିରଫ କରି କୋର୍ଟଚାଲାଣ କରିଛି। ସୂଚନାଯୋଗ୍ୟ ଯେ, ଦେବାନନ୍ଦ ପ୍ରଥମେ ଭୁବନେଶ୍ୱରରେ ବିଦ୍ୟାସାଗର କୋଚିଂ ସେଣ୍ଟର ଅନ୍‌ଲାଇନ କୋଚିଂ ନେଉଥିବା ସମୟରେ ଜୁମ୍ ଆପ ମାଧ୍ୟମରେ ଆଶାୟୀଙ୍କ ଫୋନ ନମ୍ବର ସଂଗ୍ରହ କରି ଫୋନ ଯୋଗେ କଥା ହୋଇଥିଲା। ପରେ ଡିଏସ୍‌ଇର ଜଣେ କର୍ମଚାରୀଙ୍କ ନାଁ ନେଇ ଟଙ୍କା ଦେଲେ ହାଇସ୍କୁଲରେ ଖେଳ ଶିକ୍ଷକ, ଆର୍‌ଆଇ ଏବଂ ପିଇଓ ପଦବୀରେ ସରକାରୀ ଚାକିରି ହୋଇଯିବାର ପ୍ରତିଶ୍ରୁତି ଦେଇ ପ୍ରାର୍ଥୀଙ୍କ ଠାରୁ ସମସ୍ତ ସାର୍ଟିଫିକେଟ ନେବା ସହ ନଗଦ, ଆକାଉଣ୍ଟ ଏବଂ ଫୋନ ପେ' ଜରିଆରେ କାହାଠାରୁ ୩ଲକ୍ଷ, ୮ ଲକ୍ଷ, ୨ ଲକ୍ଷ ଟଙ୍କା ଏଭଳି ଭାବରେ ଲକ୍ଷାଧିକ ଟଙ୍କା ଠକି ନେଇଥିଲା। ଏଥିସହ ଚାକିରି ନ ମିଳିଲେ ପଇସା ଫେରସ୍ତ କରାଇବା ନେଇ କୋର୍ଟ ପେପରରେ ମଧ୍ୟ ଚୁକ୍ତି କରିବା ସହ ବ୍ଲାଙ୍କ ଚେକ୍ ଆଶାୟୀ ପ୍ରାର୍ଥୀଙ୍କୁ ଦେଇଥିଲା। ତେବେ ଓଏସ୍‌ଏସ୍‌ଟିଇଟି (ଓଡ଼ିଶା ମାଧ୍ୟମିକ ଶିକ୍ଷକ ଯୋଗ୍ୟତା ପରୀକ୍ଷା)ରେ ପ୍ରାର୍ଥୀଙ୍କ କମ୍ ନମ୍ବର ଆସିବାରୁ ସନ୍ଦେହ ଉପୁଜିବା ପରେ ଆଶାୟୀ ପ୍ରାର୍ଥୀ ଠକାମିର ଶିକାର ହୋଇଥିବା ଜାଣିବାକୁ ପାଇଥିଲେ। ଦେବାନନ୍ଦ ବିଭିନ୍ନ ଆଳ ଦେଖାଇ ପ୍ରାର୍ଥୀଙ୍କୁ ବିଭିନ୍ନ ସମୟରେ ଠକି ଚାଲିଥିଲା। ଏହି ଠକେଇ ଘଟଣାରେ ରାଜ୍ୟର ବିଭିନ୍ନ ଅଞ୍ଚଳରେ ଲୋକେ ଠକାମିର ଶିକାର ହୋଇଥିବା ବେଳେ ଦେବାନନ୍ଦ ପୂର୍ବରୁ ଏକ ଘରୋଇ ବିଦ୍ୟାଳୟରେ ଖେଳ ଶିକ୍ଷକ ଭାବରେ କାର୍ଯ୍ୟକରି ଆସି ଅନେକ ଶିକ୍ଷକଙ୍କୁ ନିଯୁକ୍ତି ଦେବା କହି ଟଙ୍କା ଠକି ନେଇଥିବା ଜଣାପଡ଼ିଛି। ଅଭିଯୋଗ ପରେ ତୁରୁମୁଙ୍ଗା ଥାନାରେ ୬୭/୨୪ରେ ମାମଲା ରୁଜୁ କରି ଦେବାନନ୍ଦକୁ ଗିରଫ କରି କୋର୍ଟଚାଲାଣ କରିଛି। ଏସ୍‌ଆଇ ରସାନନ୍ଦ ନାଏକ ଘଟଣାର ତଦନ୍ତ କରୁଛନ୍ତି।

## ଆତ୍ମରକ୍ଷା ତାଲିମ ଶିବିର

**ଆନନ୍ଦପୁର, ୨୮।୧(ସମିସ):** ରେକୁଟିଆସ୍ଥିତ କୁଶଳେଶ୍ୱର ଆଞ୍ଚଳିକ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ଯୁକ୍ତ ୨ ପ୍ରଥମ ବର୍ଷ ଛାତ୍ରୀମାନଙ୍କୁ ନେଇ ଏକ ଆତ୍ମରକ୍ଷା ତାଲିମ ଶିବିର ଅନୁଷ୍ଠିତ ହୋଇଯାଇଛି। ୭ ଦିନ ଧରି ହେବାକୁ ଥିବା ଏହି ଶିବିରକୁ ମହାବିଦ୍ୟାଳୟ ଅଧକ୍ଷ ସନ୍ତୋଷ କୁମାର ମିଶ୍ର ପ୍ରଦୀପ ପ୍ରଜ୍ୱଳନ କରି ଉଦଘାଟନ କରିଥିଲେ। ଅଧ୍ୟାପକ ଭବାନୀ ପ୍ରସାଦ ବଳ, ଅଧ୍ୟାପିକା ଭାବିଲତା ରାଉତ ଏହି ତାଲିମ ଶିବିର ସମ୍ପର୍କରେ ସୂଚନା ପ୍ରଦାନ କରିଥିଲେ। ପ୍ରଶିକ୍ଷିକା ଭାବେ ଲିପିସ୍ମିତା ସାହୁ ଛାତ୍ରୀ ମାନଙ୍କୁ ପ୍ରଶିକ୍ଷଣ ପ୍ରଦାନ କରିଥିବା ବେଳେ ଏହି ଶିବିରରେ ୧୯୧ ଜଣ ଛାତ୍ରୀ ଅଂଶଗ୍ରହଣ କରିଥିଲେ। କାର୍ଯ୍ୟକ୍ରମରେ ମହାବିଦ୍ୟାଳୟର ଅଧ୍ୟାପିକା ଓ କର୍ମଚାରୀମାନେ ସହଯୋଗ କରିଥିଲେ।

## ଏଭର ଗ୍ରୀନ୍ କ୍ଲବର ବାର୍ଷିକ କ୍ରୀଡ଼ା ପ୍ରତିଯୋଗିତା



**ଯୋଡ଼ା, ୨୮।୧(ସମିସ)**

ଯୋଡ଼ା ବ୍ଲକ ଜଜାଙ୍ଗ ପଞ୍ଚାୟତର ଜରିବାହାର ଖେଳ ପଡ଼ିଆଠାରେ ଏଭର ଗ୍ରୀନ କ୍ଲବ ପକ୍ଷରୁ ୨୦୨୩-୨୪ ବାର୍ଷିକ କ୍ରୀଡ଼ା ପ୍ରତିଯୋଗିତା ଉଦଯାପିତ ହୋଇଯାଇଛି। ଦୁଇ ଦିନ ବ୍ୟାପୀ ଆୟୋଜିତ ବାର୍ଷିକ କ୍ରୀଡ଼ା ପ୍ରତିଯୋଗିତାର ଶୁକ୍ରବାର ଉଦଯାପନୀ ଦିବସରେ ଟାଟା ଷ୍ଟିଲ ଫେରୋ ମାଙ୍ଗାନିଜ ଡିଭିଜନର ମୁଖ୍ୟ ଅଶ୍ୱିନୀ କୁମାର ମୁଖ୍ୟଅତିଥି ଭାବେ ଯୋଗଦେଇଥିବା ବେଳେ ସମ୍ମାନିତ ଅତିଥି ଭାବେ ଜଜାଙ୍ଗ ସରପଞ୍ଚ ପ୍ରିୟଙ୍କା ମାଝୀ, ଜୁରୁଡ଼ି ସରପଞ୍ଚ ଶୁଭକାନ୍ତି ସଏ, ଜଲହରି ପଞ୍ଚାୟତର ସରପଞ୍ଚ ନରେନ୍ଦ୍ର ମୁଣ୍ଡା, ପୂର୍ବତନ ସରପଞ୍ଚ ଇନ୍ଦ୍ରମଣୀ ପୁର୍ତ୍ତୀ, ଟାଟା ଷ୍ଟିଲ ୟୁନିଟ୍ ମୁଖ୍ୟ ରବୀନ୍ଦ୍ର କୁମାର ଯୋଗଦେଇ କୃତୀ ପ୍ରତିଯୋଗୀମାନଙ୍କୁ ପୁରସ୍କାର ପ୍ରଦାନ କରିଥିଲେ। ୭୫ ତମ ସାଧାରଣତନ୍ତ୍ର ଦିବସ ପାଳନ ଅବସରରେ ଏହି ପ୍ରତିଯୋଗିତାରେ ପ୍ରାତଃ କାଳରେ ଏଭର ଗ୍ରୀନ୍ କ୍ଲବ ପକ୍ଷରୁ ଜାତୀୟ ପତାକା ଉତ୍ତୋଳନ କରାଯିବା ପରେ ପ୍ରାୟ ୬୦ରୁ ଉର୍ଦ୍ଧ୍ୱ ଖେଳ ଇଭେଣ୍ଟ ମାନ ଆୟୋଜିତ ହୋଇଥିଲା। ଏଥିରେ ଅଙ୍ଗନବାଡ଼ି ଓ ଜରିବାହାର ପ୍ରାଥମିକ ବିଦ୍ୟାଳୟର ଛାତ୍ରଛାତ୍ରୀ ଅଂଶଗ୍ରହଣ କରିବା ସହିତ ଜୁରୁଡ଼ି, ଜଜାଙ୍ଗ ଓ ଜଲହରି ପଞ୍ଚାୟତର ଯୁବକ ଯୁବତୀ, ଅଭିଭାବକ, ବୟସ୍କ ବ୍ୟକ୍ତି ସମେତ ମହିଳାମାନେ ଭାଗ ନେଇଥିଲେ। ଏହି ପ୍ରତିଯୋଗିତା ଦୀର୍ଘ ୨୬ ବର୍ଷ ଧରି ଜଜାଙ୍ଗ ପଞ୍ଚାୟତର ଜରିବାହାର ଖେଳ ପଡ଼ିଆରେ ଅନୁଷ୍ଠିତ ହୋଇ ଆସୁଛି ବୋଲି ପ୍ରତିଯୋଗିତାର ଉପଦେଷ୍ଟା ଖାନଦାନୀ ନାଏକ କହିଥିଲେ।

ହୋ ସମ୍ପ୍ରଦାୟର ଆଦିବାସୀ ଯୁବକ ଯୁବତୀ ତାଙ୍କର ପାରମ୍ପାରିକ ବାଦ୍ୟ ନାଗରା ମାଦଳର ତାଳେ ତାଳେ ନାଚ ଓ ଗୀତରେ ଅତ୍ୟନ୍ତ ମସଗୁଲ ହୋଇ ଉଠିଥିଲେ। ଶେଷରେ କୁନି କୁନି ପିଲାମାନଙ୍କୁ ନେଇ ନାଚଗୀତ କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ମୁଖ୍ୟତଃ ଏଭର ଗ୍ରୀନ୍ କ୍ଲବର ସଭାପତି ହାମଲାଲ ଶର୍ମା, ସମ୍ପାଦକ ବସନ୍ତ ମାଝୀ, କୋଷାଧ୍ୟକ୍ଷ ଶୁକ୍ରା ଚାମ୍ପିଆ, ସଦସ୍ୟ ଟୁକୁନା ମୁଣ୍ଡା, ଧନ ବାହାଦୁର, ସଦାନନ୍ଦ ସର୍ଦ୍ଦାର ଓ ସଞ୍ଜୁ ହେସା ସମେତ କ୍ଲବର ସମସ୍ତ ସଦସ୍ୟ ସହଯୋଗ କରିଥିଲେ।

## ଆର୍ଯ୍ୟଭଟ୍ଟ ଗଣିତ ମେଧା ପରୀକ୍ଷାରେ ସଫଳତା



**ଚମ୍ପୁଆ, ୨୮।୧(ସମିସ):** ଜାତୀୟ ଆର୍ଯ୍ୟଭଟ୍ଟ ଗଣିତ ମେଧା ପରୀକ୍ଷାରେ ସ୍ଥାନୀୟ କେରଳା ଇଂରାଜୀ ମାଧ୍ୟମ ବିଦ୍ୟାଳୟର ୧୦ମ ଶ୍ରେଣୀ ଛାତ୍ର ଆଦିତ୍ୟ ମହାନ୍ତ ପୂର୍ବାଞ୍ଚଳ ରାଜ୍ୟ ତଥା ଭୁବନେଶ୍ୱର କ୍ଷେତ୍ରରେ୨ୟ ସ୍ଥାନ ଅଧିକାର କରି ଅନୁଷ୍ଠାନ ସହ ସମଗ୍ର ରାଜ୍ୟ ପାଇଁ ଗୌରବ ଆଣି ଦେଇଛନ୍ତି। କେନ୍ଦ୍ରୀୟ ମାଧ୍ୟମିକ ଶିକ୍ଷା ପରିଷଦ ଆନୁକୂଲ୍ୟରେ ୨୦୨୩ ପାଇଁ ଜାତୀୟ ଆର୍ଯ୍ୟଭଟ୍ଟ ଗଣିତ ମେଧା ପରୀକ୍ଷା ଅନୁଷ୍ଠିତ ହୋଇଥିଲା। ଏଥିରେ ଭୁବନେଶ୍ୱର କ୍ଷେତ୍ର ଅଧୀନରେ ଥିବା ପଶ୍ଚିମବଙ୍ଗ, ମଧ୍ୟପ୍ରଦେଶ ଓ ଛତିଶଗଡ଼ ରାଜ୍ୟର ଛାତ୍ର ଛାତ୍ରୀ ପ୍ରତିନିଧିତ୍ୱ କରିଥିଲେ। ଜିଲ୍ଲା ଓ ରାଜ୍ୟସ୍ତରରୁ ଉତ୍ତୀର୍ଣ୍ଣ ହୋଇ ପୂର୍ବାଞ୍ଚଳ କ୍ଷେତ୍ରରେ ସଫଳତା ହାସଲ କରିଥିବା ୧୦୦ ଜଣଙ୍କ ମଧ୍ୟରେ ଚମ୍ପୁଆସ୍ଥିତ କେରଳା ଇଂରାଜୀ ମାଧ୍ୟମ ବିଦ୍ୟାଳୟର ଛାତ୍ର ଆଦିତ୍ୟ ମହାନ୍ତ ୨ୟ ସ୍ଥାନ ଅଧିକାର କରି ସମସ୍ତ ପୂର୍ବାଞ୍ଚଳର ଅନୁଷ୍ଠାନମାନଙ୍କ ଭିତରେ ନିଜ ଅନୁଷ୍ଠାନର ଗୌରବ ବଢ଼ାଇଛନ୍ତି। ତାଙ୍କର ଏହି ଅନନ୍ୟ ସଫଳତା ପାଇଁ ଅନୁଷ୍ଠାନ ଓ ବିଭିନ୍ନ ମହଲରୁ ଶୁଭେଚ୍ଛାର ସୁଅ ଛୁଟିବାରେ ଲାଗିଛି। ଏହି ଅବସରରେ ଅନୁଷ୍ଠିତ ଏକ ସ୍ୱତନ୍ତ୍ର କାର୍ଯ୍ୟକ୍ରମରେ ତାଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ସଫଳତାର ଶ୍ରେୟ ସେ ବିଦ୍ୟାଳୟର ଓ ଗଣିତ ବିଭାଗର ସମସ୍ତ ଅଧ୍ୟାପକ ଅଧ୍ୟାପିକା ମାନଙ୍କୁ ଦେଇଥିବା ଜଣାପଡ଼ିଛି।

## ନାବାଳିକାର ସନ୍ଦେହଜନକ ମୃତ୍ୟୁ

**ସୋସୋ, ୨୮।୧(ସମିସ):** ହାଟଡିହି ବ୍ଲକ ସୋସୋ ଥାନା ଅନ୍ତର୍ଗତ ବାଙ୍ଗୋର ପଞ୍ଚାୟତର ଟାଇଲି ସାହି ଗ୍ରାମର ସ୍ୱର୍ଗତ ବଇଁଶୀ ସଏଙ୍କ ଝିଅ ଗୀତା ସଏ (୧୫)ଙ୍କର ମୃତ୍ୟୁ ଘଟିଛି। ବାପା ମାଙ୍କ ମୃତ୍ୟୁ ପରେ ଗୀତା ତାର ଦାଦା ଘରେ ରହୁଥିଲା। ଆଜି ସକାଳୁ ଘରେ ଶୋଇଥିବାବେଳେ ତା' ପାଟିରୁ ଫେଣ ବାହାରିବା ସହିତ ବିଛଣାରୁ ଉଠିନଥିଲା। ପରିବାର ଲୋକ ଏହା ଦେଖି ତାକୁ ଉଠାଇଥିଲେ ମଧ୍ୟ ସେ ଉଠିନଥିବାରୁ ନିକଟସ୍ଥ ବଉଳା ଫାଣ୍ଡିକୁ ଖବର କରାଯାଇଥିଲା। ପୁଲିସ ଘଟଣାସ୍ଥଳରେ ପହଞ୍ଚି ଶବକୁ ଜବତ କରି ବ୍ୟବଚ୍ଛେଦ ପାଇଁ ପଠାଇଥିବା ବେଳେ ମୃତ୍ୟୁର କାରଣ ଜଣାପଡ଼ିନଥିବା ସୋସୋ ଥାନା ଅଧିକାରୀ କହିଛନ୍ତି। ଏ ସମ୍ପର୍କରେ ତଦନ୍ତ ଜାରିରହିଛି ବୋଲି କହିଥିଲେ।

## ଜଗତ୍‌ଜନନୀ ଟ୍ରଷ୍ଟ ପକ୍ଷରୁ କମ୍ବଳ ବଣ୍ଟନ

**ହାଟଡ଼ିହୀ, ୨୮।୧(ସମିସ):** ଜଗତଜନନୀ ଟ୍ରଷ୍ଟ ହାଟଡ଼ିହୀ ଶାଖା ପକ୍ଷରୁ ୬ଟି ପଞ୍ଚାୟତରେ କମ୍ବଳ ବଣ୍ଟନ ହୋଇଯାଇଛି। ଟ୍ରଷ୍ଟ କାର୍ଯ୍ୟକର୍ତ୍ତାଙ୍କ ମଧ୍ୟରୁ ତ୍ରୈଲୋଚନ ନାୟକ, ପଦ୍ମନାଭ ସାହୁ, ନନ୍ଦଚରଣ ଜେନା, ବଣ୍ଟି ଜେନା, ଅମିତ୍ ସାମଲ ପ୍ରମୁଖ ସୋସୋ, ହଦଗଡ଼, ପଡ଼ିଆରିପଲ୍ଲୀ, କେ.ବାଲିପାଳ, ବାଙ୍ଗୋର, ଧନୁର୍ଜୟପୁର ଆଦି ପଞ୍ଚାୟତରେ ପହଞ୍ଚି ୪ଶହରୁ ଉର୍ଦ୍ଧ୍ୱ ଗରିବ ଓ ଅସହାୟଙ୍କୁ କମ୍ବଳ ବଣ୍ଟନ କରିଥିଲେ। ଆସନ୍ତା ଦିନରେ ବାଲିବରେଇ, ଢ଼େଙ୍କା, ସଢ଼ା, ଶାସଙ୍ଗ ଆଦି ପଞ୍ଚାୟତ ସହ ବିଭିନ୍ନ ସ୍ଥାନର ଗରିବ ଓ ଅସହାୟ ଲୋକଙ୍କୁ କମ୍ବଳ ବଣ୍ଟନ କରାଯିବ ବୋଲି ଟ୍ରଷ୍ଟ ପକ୍ଷରୁ ସୂଚନା ମିଳିଛି।



## ଅଯୋଧ୍ୟା ଫେରନ୍ତା ସନ୍ତୋଷୀ ଦେଓଙ୍କୁ ସମ୍ବର୍ଦ୍ଧନା



**ଚମ୍ପୁଆ, ୨୮।୧(ସମିସ):** ପ୍ରଭୁ ଶ୍ରୀ ରାମଲାଲାଙ୍କ ପ୍ରାଣ ପ୍ରତିଷ୍ଠା ଉତ୍ସବରେ ଯୋଗ ଦେବାକୁ ଅଯୋଧ୍ୟା ଯାଇଥିବା କେନ୍ଦୁଝରର ମହିଳା ଅଟୋ ଚାଳିକା ସନ୍ତୋଷୀ ଦେଓଙ୍କୁ ଚମ୍ପୁଆ ଠାରେ ରାମମନ୍ଦିର କମିଟି ଦ୍ୱାରା ଭାବ୍ୟ ସ୍ୱାଗତ ପ୍ରଦାନ କରାଯାଇଛି। ଫେରିବା ବାଟରେ ଚମ୍ପୁଆ ଶ୍ରୀରାମ ମନ୍ଦିର ଦର୍ଶନ କରିଥିବା ବେଳେ ରାମମନ୍ଦିର କମିଟି ପକ୍ଷରୁ ତାଙ୍କୁ ସ୍ୱାଗତ ସମ୍ବର୍ଦ୍ଧନା ପ୍ରଦାନ କରାଯାଇଥିଲା। ସନ୍ତୋଷୀ ଦେଓ ଅଟୋରେ ଅଯୋଧ୍ୟାରେ ଶ୍ରୀ ରାମଙ୍କ ପ୍ରାଣ ପ୍ରତିଷ୍ଠା ଉତ୍ସବକୁ ଯାତାୟାତର ଅନୁଭୂତି ବଖାଣିବା ସହିତ ପ୍ରଭୁ ଶ୍ରୀରାମଙ୍କ ଉପରେ ରଖିଥିବା ଆସ୍ଥା ଓ ବିଶ୍ୱାସ ତାଙ୍କ ପଥରୋଧ କରିଥିଲେ ମଧ୍ୟ ବେଶି ସମୟ ରଖି ପାରିନଥିଲା ବୋଲି ସୂଚନା ଦେଇଥିଲେ।

## ଦୁର୍ଗାପୂଜା କମିଟିର ନୂତନ କର୍ମକର୍ତ୍ତା



ଆନନ୍ଦପୁର, ୨୮।୧(ସମିସ): ଆନନ୍ଦପୁରର ସାର୍ବଜନୀନ ଦୁର୍ଗା ପୂଜା କମିଟିର ସାଧାରଣ ପରିଷଦ ବୈଠକ ଓ ନୂତନ କର୍ମକର୍ତ୍ତା ମନୋନୟନ ହୋଇଯାଇଛି। ଏହି ଉପଲକ୍ଷେ ଶ୍ରୀଦଧିବାମନଜୀଉଙ୍କ କଲ୍ୟାଣମଣ୍ଡପଠାରେ ଆୟୋଜିତ ବୈଠକରେ କମିଟିର ସମସ୍ତ କର୍ମକର୍ତ୍ତା ଓ ସଦସ୍ୟମାନେ ଯୋଗ ଦେଇଥିଲେ। ସଭାପତି ରବୀନ୍ଦ୍ର କୁମାର ସାଙ୍କ ସଂଯୋଜନାରେ ସମ୍ପାଦକ ଅସିତ କୁମାର ନାୟକ ବାର୍ଷିକ ଆୟବ୍ୟୟ ଓ ବିବରଣୀ ଉପସ୍ଥାପନ କରିଥିଲେ। ପରେ ଶେଷ ହୋଇଯାଇଥିବା ଦୁର୍ଗାପୂଜାର ମା' ଦୁର୍ଗା ଓ ଅନ୍ୟାନ୍ୟ ଦେବାଦେବୀଙ୍କ ବସ୍ତ୍ର ସାଧାରଣରେ ନିଲାମ କରାଯାଇଥିଲା। ଆସନ୍ତା ବର୍ଷ ପାଇଁ ସର୍ବସମତି କ୍ରମେ ନୂତନ କର୍ମକର୍ତ୍ତା ମନୋନୀତ କରାଯାଇଥିଲା। ଉପଦେଷ୍ଟା ଭାବେ ଡାକ୍ତର ଶିଶିର କୁମାର ଦାସ, ମନୋରଞ୍ଜନ ପଟ୍ଟନାୟକ, ନାରାୟଣ ସା, ଅରୁଣ କୁମାର ମହାନ୍ତି, ମଦନ ପାଣି; ସଭାପତି ଭାବେ ରବୀନ୍ଦ୍ର କୁମାର ସା, କାର୍ଯ୍ୟକାରୀ ସଭାପତି ଭାବେ ଦୁର୍ଗା ଚରଣ ଦଳେଇ, ଉପସଭାପତି ପ୍ରସନ୍ନ କୁମାର ମିଶ୍ର, ରାମଚନ୍ଦ୍ର ସାହୁ, ନିରାକର ସାହୁ, ନିରଞ୍ଜନ ମିଶ୍ର, ସମ୍ପାଦକ ଅସିତ କୁମାର ନାୟକ, ସହସମ୍ପାଦକ ଦେବବ୍ରତ ଖୁଣ୍ଟିଆ, ପ୍ରଦୀପ କୁମାର ମୁଦୁଲି, ପରମେଶ୍ୱର ରାମ, କୋଷାଧ୍ୟକ୍ଷ ଭାବେ ଅଶୋକ କୁମାର ସାହୁ, ସହ କୋଷାଧ୍ୟକ୍ଷ ଭାବେ ସନ୍ଦୀପ କୁମାର ରାଉତ ମନୋନୀତ ହୋଇଥିଲେ।

# କେନ୍ଦ୍ର ସମବାୟ ବ୍ୟାଙ୍କରେ ଅବ୍ୟବସ୍ଥାରୁ ଗ୍ରାହକ ଅସନ୍ତୋଷ

**ଆନନ୍ଦପୁର, ୨୮।୧(ସମିସ)**

କେନ୍ଦୁଝର କେନ୍ଦ୍ର ସମବାୟ ବ୍ୟାଙ୍କର ଘସିପୁରା ଶାଖା କାର୍ଯ୍ୟାଳୟରେ ଅବ୍ୟବସ୍ଥା ଯୋଗୁ ଗ୍ରାହକଙ୍କ ମଧ୍ୟରେ ଅସନ୍ତୋଷ ବୃଦ୍ଧି ପାଉଛି। ଏହି ବ୍ୟାଙ୍କ ମାର୍କେଟ କମ୍ପ୍ଲେକ୍ସର ଉପର ମହଲାରେ ଭଡ଼ାସୂତ୍ରରେ ଚାଲୁଥିବାରୁ ବରିଷ୍ଠ ନାଗରିକ ଓ ବୟସ୍କ ଗ୍ରାହକମାନେ ଉପରକୁ ଉଠି ନପାରି ଫେରିଯାଉଥିବା ଘଟଣାରେ ଅସନ୍ତୋଷ ପ୍ରକାଶ ପାଇଛି। ଉକ୍ତ ଶାଖାର ପାରିପାର୍ଶ୍ୱିକ ତଥା ପରିବେଶ ପରିବେଶ ଅବସ୍ଥା ଭଲ ନଥିବା ବେଳେ ବ୍ୟାଙ୍କକୁ ଟଙ୍କା ନେଣଦେଣ ପାଇଁ ଆସୁଥିବା ଗ୍ରାହକଙ୍କ ଦୁଇଚକିଆ ଯାନକୁ ସୁରକ୍ଷିତ ରଖିବା ପାଇଁ ସେପରି କିଛି ସ୍ଥାନ ନାହିଁ। ଶାଖା କାର୍ଯ୍ୟାଳୟଟି ଆନନ୍ଦପୁର-କେନ୍ଦୁଝର ମୁଖ୍ୟ ରାସ୍ତାକଡରେ ଥିବାରୁ ୩ରୁ ୪ଟି ବାଇକ ରହିଲେ ରାସ୍ତା ଅବରୋଧ ଭଳି ପରିସ୍ଥିତି ଉପୁଜୁଛି। ଏପରିକି ବ୍ୟାଙ୍କକୁ ଏକ ସଙ୍ଗରେ ୨ଟି ମହିଳା ସ୍ୱୟଂ ସହାୟକ ଗୋଷ୍ଠୀ ବ୍ୟାଙ୍କ କାର୍ଯ୍ୟ ନେଇ ଆସିଲେ ବ୍ୟାଙ୍କରେ ବସିବା ପାଇଁ ସ୍ଥାନର ଅଭାବ ପଡୁଛି। ଫଳରେ ଉପରକୁ ଆସିବା ପାଇଁ ସିଡିରେ ବସିବାକୁ ପଡୁଛି। ବ୍ୟାଙ୍କ ଏକ ମାର୍କେଟ କମ୍ପ୍ଲେକ୍ସ ପ୍ରଥମ ମହଲାରେ କାର୍ଯ୍ୟ କରୁଥିବାରୁ ଉପରକୁ ଯିବା ପାଇଁ ଏକ ସଂକୀର୍ଣ୍ଣ ଶିଡ଼ିରେ ଏକ ସଙ୍ଗେ ଦୁଇଜଣ ଯିବା ଆସିବା ସମ୍ଭବ ହେଉନାହିଁ। ଫଳରେ ଗ୍ରାହକମାନେ ବ୍ୟାଙ୍କରେ କାରବାର ଟଙ୍କା କାରବାର କରିବା ସୁରକ୍ଷିତ ମଣୁନାହାନ୍ତି। ପୂର୍ବରୁ ଆନନ୍ଦପୁର ଆରସିଏମଏସର ଏକ ଟାଇଲ ଘରେ ବ୍ୟାଙ୍କ ଚାଲିବାକୁ ଅସୁରକ୍ଷିତ ଉପଲବ୍ଧି କରି ତତ୍କାଳୀନ ବ୍ୟାଙ୍କ କର୍ତ୍ତୃପକ୍ଷ ତରବରିଆ ଭାବେ ରାସ୍ତା କଡ଼ରେ ଥିବା ଏକ ମାର୍କେଟ କମ୍ପ୍ଲେକ୍ସର ପ୍ରଥମ ମହଲାକୁ ଭଡ଼ା ସୂତ୍ରରେ ସ୍ଥାନାନ୍ତର କରିଥିଲେ। ସୂଚନାନୁଯାୟୀ, ବର୍ତ୍ତମାନ ବ୍ୟାଙ୍କ ଠାରୁ ମାତ୍ର ୫୦୦ ମିଟର ଦୂରରେ ଥିବା ଆନନ୍ଦପୁର ନିୟନ୍ତ୍ରଣ ବଜାର କମିଟିର ବ୍ୟାଙ୍କ ଉପଯୋଗି ଏକ ସୁରକ୍ଷିତ ଗୃହକୁ ଭଡ଼ା ସୂତ୍ରରେ ନେବା ପାଇଁ ତତ୍କାଳୀନ ଆର୍‌ଏମ୍‌ସି ସମ୍ପାଦକ ବ୍ୟାଙ୍କକୁ ଅନୁରୋଧ କରିଥିଲେ ମଧ୍ୟ ବ୍ୟାଙ୍କ କର୍ତ୍ତୃପକ୍ଷ ବିଚାରକୁ ନେଇ ନଥିଲେ। ଯାହାକି ବର୍ତ୍ତମାନ ସୁଦ୍ଧା ଖାଲି ଅଛି। ଏହି ଶାଖା ଅଧୀନରେ ୩ଟି ପ୍ରାଥମିକ ସମବାୟ ସମିତିର ହଜାର ହଜାର ସଭ୍ୟ ତଥା ଗ୍ରାହକଙ୍କ ସ୍ୱାର୍ଥକୁ ଦୃଷ୍ଟିରେ ରଖି ତୁରନ୍ତ ଅନ୍ୟତ୍ର ଏହି ସମବାୟ ଶାଖା ଖୋଲାଯାଇ ଏଟିଏମ୍ ବ୍ୟବସ୍ଥା କରିବା ପାଇଁ ସାଧାରଣରେ ଦାବି ହେଉଛି।

## ସେଣ୍ଟ୍ ଜାଭିୟର୍ସ ଇଣ୍ଟରନେସନାଲ ସ୍କୁଲର ବାର୍ଷିକ ଉତ୍ସବ




**ଘଷିପୁରା, ୨୮।୧(ସମିସ):** ଘସିପୁରା ବ୍ଲକ ଖଲଣା ସ୍ଥିତ ସେଣ୍ଟ ଇଣ୍ଟରନେସନାଲ ସ୍କୁଲର ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ବିଦ୍ୟାଳୟର ସଭାପତି ବିପିନୀ ବିହାରୀ ମାଝୀଙ୍କ ସଭାପତିତ୍ୱରେ ଆୟୋଜିତ ବାର୍ଷିକ ଉତ୍ସବରେ ମୁଖ୍ୟଅତିଥି ଭାବେ ସାଇଁକୁଳ ପତିତପାବନ ମହାବିଦ୍ୟାଳୟର ଓଏସ୍‌ଡି ରାଜେନ୍ଦ୍ର କୁମାର ରାଉତ, ସମାଜସେବୀ ଅନନ୍ତ ଚରଣ ସ୍ୱାଇଁ, ସମ୍ମାନୀତ ଅତିଥି ଭାବେ ହରିହର ବେହେରା, ଶିକ୍ଷାବିତ ଶ୍ୟାମସୁନ୍ଦର ନାୟକ, ମୁଖ୍ୟବକ୍ତା ଭାବେ ସୁଆଁପଦା ଆଦର୍ଶ ବିଦ୍ୟାଳୟର ଅଧକ୍ଷ ପିକେ ମହାପାତ୍ର ପ୍ରମୁଖ ଯୋଗଦେଇଥିଲେ। ଅଧକ୍ଷା ତରୁଲତା ପତି ଏବଂ ସମ୍ପାଦକ ସରୋଜକୁମାର ନାୟକଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଶିକ୍ଷକ ସୁକାନ୍ତ ଦେହୁରୀ, ଉର୍ବଶୀ ବିଶ୍ୱାଳ, ମନୋରମା ସାହୁ, ବିକାଶକୁମାର ଜେନା, ବେଣୁଧର ଜେନା, ବିଷ୍ଣୁପ୍ରିୟା ପଟ୍ଟନାୟକ, କାହ୍ନୁଚରଣ ଜେନା ପ୍ରମୁଖ ଉତ୍ସବ ପରିଚାଳନାରେ ସକ୍ରିୟ ସହଯୋଗ କରିଥିଲେ। ପରିଶେଷରେ ଛାତ୍ରଛାତ୍ରୀ ମାନଙ୍କ ଦ୍ୱାରା ରଙ୍ଗାରଙ୍ଗ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା।

